**କପିଳ ମୁନି ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ**

ପାଇକମାଲ,(ଡି.ଏନ.ଏ): ବୈଶାଖ ମେଳା ଅବସରରେ ବରଗଡ଼ ଜିଲା ପାଇକମାଲ ବ୍ଲକର ଗନ୍ଧମାର୍ଦ୍ଦନ ପର୍ବତ ସ୍ଥିତ କପିଳ ମୁନି ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ସ୍ୱାମୀ ସୋମବେଶ ମହାରାଜଙ୍କ ଆହ୍ୱାନ କ୍ରମେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କେନ୍ଦ୍ରୀୟ ଆବାହକ ରବିନାରାୟଣ ସାହୁଙ୍କ ନେତୃତ୍ୱରେ ଶ୍ରୀ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଜନ୍ମୋତ୍ସବ ଉପଲକ୍ଷେ ଏହି ମହାଯଜ୍ଞ କରାଯାଉଛି। ସୁରକ୍ଷା ପରିଷଦର ସଦସ୍ୟ ରଘୁ ପ୍ରଧାନ, ଅନ୍ତ ଭୁଏ, ଯୋଗେଶ୍ୱର ମଲ୍ଲିକ, ଗିରିଶ ତନସନା, ସରୋଜ ମିର୍ଦ୍ଧା, ମୋହନ ଜଗତ, ନିର୍ମଳ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକଳ୍ପ କାମ ତ୍ୱରାନ୍ୱିତ ନିର୍ଦ୍ଦେଶ

ବରଗଡ଼ ଅଫିସ୍,୧୫।୫


ମୁଖ୍ୟ ଶାସନ ସଚିବ ହୀରାକୁଦ ଜଳଭଣ୍ଡାର ଜିରୋ ପଏଣ୍ଟରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପର ତଦାରଖ କରୁଛନ୍ତି।

**ମୁଖ୍ୟ ଶାସନ ସଚିବଙ୍କ ବରଗଡ଼ ଗସ୍ତ**
- ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ତଦାରଖ
- ବର୍ଷକ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ
- ବୃହତ୍ ପାନୀୟଜଳ ପ୍ରକଳ୍ପ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦେଖିଲେ
- ପୁନର୍ନିବାସ କଲୋନୀ ଯାଇ ବିସ୍ଥାପିତଙ୍କୁ ଭେଟିଲେ

ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରବିବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ତାଙ୍କ ଏହି ଗସ୍ତରେ ସେ ଗଙ୍ଗାଧର ମେହେର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପ, ଅମ୍ବାଭୋନା ବ୍ଲକ କୁରୁମକେଲ ପୁନର୍ନିବାସ କଲୋନୀ ପରିଦର୍ଶନ କରିଥିଲେ। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ବର୍ଷକ ମଧ୍ୟରେ ଚାଷଜମିକୁ ଜଳଯୋଗାଣ ସହ ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ କରି ପାନୀୟଜଳ ଯୋଗାଣ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟ ଶାସନ ସଚିବ ମହାପାତ୍ର ବରଗଡ଼ ସମ୍ବଲପୁରରୁ ଆସିବା ବାଟରେ ପ୍ରଥମେ ହୀରାକୁଦ ଜଳଭଣ୍ଡାର ଜିରୋ ପଏଣ୍ଟକୁ ଯାଇ ଗଙ୍ଗାଧର ମେହେର ବୃହତ୍ ଉଠାଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହାସହିତ ସିର୍କିଡ଼ିରେ ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ନିର୍ମାଣାଧୀନ ଟ୍ରିଟମେଣ୍ଟ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପରେ ବିଭାଗୀୟ ଅଧିକାରୀଙ୍କ ସହିତ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନେଇ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଲେଇ, ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବିଭାଗୀୟ ପଦାଧିକାରୀ ଏବଂ ପ୍ରକଳ୍ପ ନିର୍ମାଣ କରୁଥିବା ଠିକାସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେଠାରୁ ମୁଖ୍ୟ ଶାସନ ସଚିବ କୁରୁମକେଲ ପୁନର୍ନିବାସ କଲୋନୀକୁ ଯାଇ ବିସ୍ଥାପିତଙ୍କ ସୁବିଧା, ଅସୁବିଧା ପଚାରି ବୁଝିଥିଲେ।

ଉଲ୍ଲେଖଯୋଗ୍ୟ, ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲା ସୋହେଲା, ବିଜେପୁର ଓ ବରପାଲି ବ୍ଲକର ୧୨୨ ଗ୍ରାମର ୩୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ କରାଯାଇପାରିବ। ସେହିପରି ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ବରଗଡ଼, ଅତାବିରା, ବିଜେପୁର ଏବଂ ଗାଇସିଲେଟ ବ୍ଲକର ପ୍ରାୟ ୬ଲକ୍ଷ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇପାରିବ। ରାଜ୍ୟ ସରକାରଙ୍କ ପୁନର୍ନିବାସ ଥଇଥାନ ନିୟମକୁ ଗ୍ରହଣ କରି ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟରେ ରହୁଥିବା ପ୍ରାୟ ୩୫୯ ବିସ୍ଥାପିତ ପରିବାର କୁରୁମକେଲଠାରେ ଅସ୍ଥାୟୀ କଲୋନୀରେ ରହୁଛନ୍ତି। ଉକ୍ତ କଲୋନୀକୁ ବିଦ୍ୟୁତ, ପାଇପ୍ ଲାଇନରେ ପାନୀୟଜଳ ଯୋଗାଣ, ଶୌଚାଳୟ, କମ୍ୟୁନିଟି ହଲ ଆଦି ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଛି। ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିବା ଜମିରେ ବିଜୁ ପକ୍କା ଘର ନିର୍ମାଣ ସରିବା ସେମାନେ ସେଠାକୁ ସ୍ଥାନାନ୍ତର ହେବେ।

## ରାସ୍ତା ଓ ଡ୍ରେନ୍ ନିର୍ମାଣ ଦାବିରେ ଆନ୍ଦୋଳନ ଚେତାବନୀ

ବୌଦ୍ଧ,୧୫।୫(ସ୍ୱପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଉପରେ ବିଭିନ୍ନ କାମ ପାଇଁ ଅଧିକାଂଶ ଲୋକ ନିର୍ଭର କରିଥାଆନ୍ତି। ବ୍ଲକର ଏହା ଏକ ମୁଖ୍ୟ ସ୍ଥାନ ହୋଇଥିବା ବେଳେ ଏଠାରେ ସାହି ରାସ୍ତା ଅତି ଶୋଚନୀୟ ହୋଇପଡିଛି। ପୁରୁଣାକଟକ ସାହି ରାସ୍ତାର ଧଳପୁର ଛକଠାରୁ ସାହିର ଶେଷ ପର୍ଯ୍ୟନ୍ତ ରାସ୍ତାରେ ବର୍ତ୍ତମାନ ଯିବା ଆସିବା କରିବା କଷ୍ଟକର ହୋଇପଡିଛି। ଏହି ରାସ୍ତା ଦେଇ ପ୍ରତ୍ୟହ ତିଲେଶ୍ୱର, ପିତାମ୍ବରପୁର, ରାମଗଡ, ଧଳପୁର ଆଦି ପଞ୍ଚାୟତର ଜନସାଧାରଣ ଯାତାୟାତ କରିଥାନ୍ତି। ଶଙ୍କୁଲୋଇ ଓ ହରଭଙ୍ଗା ପଞ୍ଚାୟତର କେତେକ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ରାସ୍ତା ଦେଇ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯାଇଥାନ୍ତି। କିନ୍ତୁ ରାସ୍ତା ଉପରେ ପାଣି ଜମିବା ଯୋଗୁ ଲୋକମାନେ ହଇରାଣ ହରକତ ହେଉଛନ୍ତି। ରାସ୍ତା ଦୁରାବସ୍ଥା ଓ ଡ୍ରେନ ନିର୍ମାଣ ନେଇ ଗ୍ରାମବାସୀ ବହୁବାର ପ୍ରଶାସନକୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ସୋମବାର ପୁରୁଣାକଟକ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଧଳପୁର ଛକଠାରେ ସକାଳ ୬ଟାରୁ ରାସ୍ତାରୋକୋ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।

**ସଂକ୍ଷେପରେ**

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

- ଇଟାଭାଟିରେ କାମ କରିବାକୁ ଆସିଥିଲେ
- ବୌଦ୍ଧ ଜିଲା ଜାଗତି ଗ୍ରାମର ମୂଳ ବାସିନ୍ଦା

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୫।୫ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଉପକଣ୍ଠ ଆରଏସ୍‌ମି (ଗୋରୁବଜାର) ପଛପଟେ ଥିବା ଏକ ଗଛତଳେ ରବିବାର ଜଣେ ଯୁବତୀଙ୍କ ମୃତଦେହ ପଡିଥିଲା। ମୃତକ ବୌଦ୍ଧ ଜିଲା ଜାଗତି ଗ୍ରାମର ନଳିନୀ ସେଠୀ (୨୦) ବୋଲି ଜଣାପଡିଛି। କିଭଳି ପରିସ୍ଥିତିରେ ଯୁବତୀଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଯୁବତୀ ଜଣକ ଉକ୍ତ ଗଛରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ ପୋଲିସ ପହଞ୍ଚିବା ପୂର୍ବରୁ ମୃତଦେହ ଗଛ ତଳେ ପଡିଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିଛି। ମିଳିଥିବା ସୂଚନା ମୁତାବକ ବୌଦ୍ଧ ଜିଲା ଜାଗତି ଗ୍ରାମର ମୂଳବାସିନ୍ଦା କୁହାଯାଉଥିବା ନଳିନୀ ବାପାମା ଛେଉଣ୍ଡ। ଜଣେ ସମ୍ପର୍କୀୟଙ୍କ ସହ ନିଜ ଗାଁରୁ କଣ୍ଟାବାଞ୍ଜି ଆସି ଏକ ଇଟାଭାଟିରେ କାମ କରୁଥିଲେ। ତେବେ ପ୍ରାୟ ମାସେ କାମ କଲା ପରେ ଏହି ଘଟଣା ଘଟିଛି। କଣ୍ଟାବାଞ୍ଜି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଥାଳଉଠା କାର୍ଯ୍ୟକ୍ରମ ସମ୍ପନ୍ନ
### ସିମେଣ୍ଟ‌ନଗର ଶୀତଳଷଷ୍ଠୀ ଯାତ୍ରା



ବରଗଡ଼ ଅଫିସ୍,୧୫।୫: ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ସିଦ୍ଧେଶ୍ୱର ବାବା ମନ୍ଦିର ପକ୍ଷରୁ ଚଳିତବର୍ଷ ଶୀତଳଷଷ୍ଠୀ ମହୋତ୍ସବ ପାଳନ ସକାଶେ ରବିବାର ମନ୍ଦିର ପ୍ରାଙ୍ଗଣରେ ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୀତଳଷଷ୍ଠୀ ତଥା ମନ୍ଦିର ପରିଚାଳନା କମିଟି ସଭାପତି ଅଙ୍କୁର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଚଳିତବର୍ଷ ପାର୍ବତୀଙ୍କ ମାତାପିତା ଭାବେ ଅଞ୍ଜଳି ମହନ୍ତ ଓ ସ୍ୱାମୀ ହଟକିଶୋର ଏବଂ ଶିବଙ୍କ ମାତାପିତା ଭାବେ ସବିତା କର ଓ ସ୍ୱାମୀ ରଞ୍ଜନଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହୀରା ସିମେଣ୍ଟ ଶ୍ରମିକ ସଂଘ ଉପଦେଷ୍ଟା ସମ୍ପିତ ଆଚାର୍ଯ୍ୟ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ପିତାମ୍ବର ମୁଦୁଲି, ହୀରା ସିମେଣ୍ଟ ଶ୍ରମିକ ସଂଘ ସଭାପତି ମହେନ୍ଦ୍ର ଦାଶ, ସୁନିଲ ସାମଲ, ପ୍ରଦୀପ ରାୟ, ବିମ୍ବାଧର ଖୁଣ୍ଟିଆ, ପ୍ରମୋଦ ପାଣିଗ୍ରାହୀ, ରବୀନ୍ଦ୍ର ବରାଡ଼, ଜ୍ଞାନ ସାହୁ, ଚନ୍ଦ୍ରଶେଖର କାଳିଆ, ଦୁଃଖିଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ମୁଖ୍ୟ ପୁରୋଧା କୁଳମଣି ମହାପାତ୍ର ଶର୍ମା, ପଣ୍ଡିତ ଧର୍ମରାଜ ମହାପାତ୍ର, ପଣ୍ଡିତ ସୁଜିତ ମିଶ୍ର, ନିଖିଳ ଦାଶ ପୂଜାର୍ଚ୍ଚନା କରିଥିଲେ। ଚଳିତବର୍ଷ ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ଆସନ୍ତା ଜୁନ ୪ରେ ମନ୍ଦିର ପରିସରରେ ଶିବ ପାର୍ବତୀଙ୍କ ବିବାହ ଏବଂ ୫ତାରିଖରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ବ୍ଲାଷ୍ଟିଂରେ ପଥର ଖାଦାନ ସୁପରଭାଇଜର ଆହତ

ସମ୍ବଲପୁର,୧୫।୫(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଞ୍ଚଳର ଏକ ପଥର ଖାଦାନରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇଛି। ବ୍ଲାଷ୍ଟିଂ ସମୟରେ ପଥର ଖାଦାନର ସୁପରଭାଇଜର ଆହତ ହୋଇଥିଲେ। ତାଙ୍କ ହାତରେ ଆଘାତ ଲାଗିଥିବା ବେଳେ ସେ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ସୁପରଭାଇଜର ଜଣଙ୍କ ଅଞ୍ଚଳର ଜଣେ ରାଜନେତା ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଗ୍ରାମବାସୀ ଓ କାମ କରୁଥିବା ଶ୍ରମିକମାନେ ଘଟଣାକୁ ନେଇ ଭୟଭୀତ ହୋଇଯାଇଛନ୍ତି। ଏଭଳି ବ୍ଲାଷ୍ଟିଂ ହେବା ଯୋଗୁ ବାରମ୍ବାର ଏହି ଅଞ୍ଚଳରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପୋଲିସ ଓ ତହସିଲ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସହରରେ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ସାମଗ୍ରୀ ବିକ୍ରି କରୁଥିବା ଡିଲରମାନେ ମନମୁଖି ସମସ୍ତଙ୍କୁ ସାମଗ୍ରୀ ବିକ୍ରି କରି ଦେଉଛନ୍ତି। ପ୍ରଶାସନ ଓ ପୋଲିସ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ପାଇକମାଲ,୧୫।୫(ଡି.ଏନ.ଏ)

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଉଚ୍ଚବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଅବସରରେ ଦୁଇ ଦିନ ଧରି ଚାଲିଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ପ୍ରାତଃ ଅଧିବେଶନରେ ଆଚାର୍ଯ୍ୟ ନରଦେବ ଶାସ୍ତ୍ରୀ ମୁଖ୍ୟ ଅତିଥି, ଯୋଗ ବିଶାରଦ ହରିଭାଇ ଆର୍ଯ୍ୟନ, ଘୁଚାପାଲି ଗୁରୁକୂଳ ଆଶ୍ରମର ସାରଦା ଦେବୀ ସମ୍ମାନୀତ ଅତିଥି, ବିରେନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସାନ୍ଧ୍ୟ ଅଧିବେଶନରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଉପକୁଳପତି ସଞ୍ଜୟ ଶତପଥୀ ମୁଖ୍ୟ ଅତିଥି, ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷା କ୍ଷୀରାବ୍ଧି ତନୟା ରାଉତ ସମ୍ମାନୀତ ଅତିଥି, ମାଣ୍ଡୋସିଲ ଡିଗ୍ରୀ କଲେଜ ଓଡ଼ିଆ ପ୍ରଧାପକ ସନ୍ତୋଷ ସିଂ ଠାକୁର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଗୋକୁଳାନନ୍ଦ ତନସନା, ସମ୍ପାଦକ ମହେନ୍ଦ୍ର କୁମାର ଖୁଣ୍ଟିଆ, ସଦସ୍ୟ ତପନ କୁମାର ବହିଦାର, ଅନିରୁଦ୍ଧ ପଣ୍ଡା, ପଞ୍ଚୁରାମ ସାହୁ, ସନ୍ତୋଷ କୁମାର ଥପା, ଗୋକୁଳରାମ ତନସନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ରୀ ଦୀପ୍ତିମୟୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳରେ ପଢୁଥିବା ଛାତ୍ରଛାତ୍ରୀ, ଅଭିଭାବକ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ସେହିପରି ଶନିବାର ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି, ନୂଆପଡା ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ମୁଖ୍ୟ ବକ୍ତା, ନୂଆପଡା ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିକ୍ଷାଜ୍ୟୋତି ଗ୍ରାମ ପରିକ୍ରମା କରିଥିଲା। ସାନ୍ଧ୍ୟ ଅଧିବେଶନରେ ଶିକ୍ଷାବିତ୍ କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ବରଡୋଲ ସିମେଣ୍ଟ ନଗର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ ମୁଖ୍ୟ ବକ୍ତା, ପାଇକମାଲ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡାମଣି ବାରିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ସଭାପତିତ୍ୱ କରିଥିଲେ।



ମାଣ୍ଡୋସିଲ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଲାଠୋର ଥାନା ଅଞ୍ଚଳରେ ମାଓବାଦୀ ବ୍ୟାନର


ପୁଟକେଲଚୁଆ ଗ୍ରାମ ମଝି ବଜାର ପାଣ୍ଡାଲରେ ମରାଯାଇଥିବା ବ୍ୟାନର।

ଲାଠୋର,୧୫।୫(ଡି.ଏନ.ଏ.)

ଅନେକ ଦିନର ନୀରବତା ପରେ ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଘୁନସର ଓ ପୁଟକେଲଚୁଆ ଗ୍ରାମ ମଝି ବଜାର ପାଣ୍ଡାଲରେ ମାଓବାଦୀମାନେ ବ୍ୟାନର ମାରି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ପାଣ୍ଡାଲର ଦୁଇଟି ସ୍ଥାନରେ ଲାଲରଙ୍ଗର ବ୍ୟାନର ମରାଯାଇଥିବା ରବିବାର ସକାଳେ ଜଣାପଡ଼ିଥିଲା। ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଲେଖାଥିବା ବ୍ୟାନରରେ ମାଓବାଦୀମାନେ ପୋଲିସର ଦମନଲୀଳା ବିରୋଧରେ ଆସନ୍ତା ୨୦ତାରିଖ ଓଡ଼ିଶା ବନ୍ଦ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଗତ ୨ବର୍ଷ ଭିତରେ ପୋଲିସ ଗୁଳିରେ ମୃତ ୨୦ବିପ୍ଳବୀଙ୍କୁ ହତ୍ୟା ପ୍ରତିବାଦରେ ଆହୂତ ବନ୍ଦକୁ ସଫଳ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଛି। କମ୍ରେଡ଼ ରବିନ୍ଦ୍ର, କମ୍ରେଡ଼ ରୋହିତ ଅମର ରହେ ଲେଖାଯାଇ ଶେଷରେ ଭାରତ କମ୍ୟୁନିଷ୍ଟ ପାର୍ଟି ମାଓବାଦୀ ଓଡ଼ିଶା ରାଜ୍ୟ କମିଟି ସୂଚନା ଦିଆଯାଇଛି। ରବିବାର ଘୁନସର ବଜାର ଥିବାରୁ ମାଓବାଦୀ ବ୍ୟାନର ଲୋକଙ୍କ ଭିତରେ ଭୀତି ସଞ୍ଚାର କରିଥିଲା। ଲାଠୋର ପୋଲିସ ମାଓବାଦୀ ବ୍ୟାନରକୁ ଜବତ କରିଛି।

# ବୌଦ୍ଧରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ, ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ,୧୫।୫(ସ୍ୱ.ପ୍ର.)

**ରାସ୍ତାଘାଟ ଶୂନଶାନ**

ବୌଦ୍ଧ ଜିଲାରେ ତାପମାତ୍ରା ପୁଣି ବୃଦ୍ଧି ପାଇଛି। ଜିଲାରେ ପ୍ରଚଣ୍ଡ ଖରା ସହ ଝାଞ୍ଜି ପବନ ବୋହିବା ଓ ଗୁଳୁଗୁଳି ହେବା ଯୋଗୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୯ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡିଛି। ମଧାହ୍ନ ୧୨ଟାରେ ଦୋକାନ ବଜାର ବନ୍ଦ ହୋଇଯାଉଛି। ବୌଦ୍ଧ ସହର ଦେଇ ପ୍ରବାହିତ ହୋଇଛି ଚିରସ୍ରୋତା ମହାନଦୀ। କିନ୍ତୁ ଏହି ନଦୀ ଏବେ ଶୁଖିଲା ପଡିଛି। ସହରରେ ରାସ୍ତା ପ୍ରଶସ୍ତୀକରଣ ନାଁରେ ବଡ ବଡ ଗଛ କାଟି ଦିଆଯିବାରୁ ବୃକ୍ଷ ସଂଖ୍ୟା ବହୁ କମ ରହିଛ। ସେହିପରି ପକ୍କା ଘର ନିର୍ମାଣ ଓ ମହାନଦୀର ଉତ୍ତପ୍ତ ବାଲୁକା ରାଶି ଯୋଗୁ ଖରାର ପ୍ରକୋପ ଅନୁଭୂତ ହେଉଛି।ଗ୍ରୀଷ୍ମପ୍ରବାହ ଯୋଗୁ ରାସ୍ତାଘାଟ, ଦୋକାନ ବଜାର, ବସଷ୍ଟାଣ୍ଡ ଚାରିଆଡ ଶୁନଶାନ ହୋଇପଡୁଛି। ଏଭଳି ପରିସ୍ଥିତିରେ ଘନ ଘନ ବିଦ୍ୟୁତ କାଟ ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରିଛି। ଅସାନୀ ପ୍ରଭାବରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ବେଳେ ପୁଣି ଗ୍ରୀଷ୍ମ ପ୍ରବାହରେ ଲୋକେ ଆଉଟୁପାଉଟୁ ହେଉଥିବା ଦେଖିବାକୁ ମିଳୁଛ।

# ୭ ବର୍ଷ ହେଲା ଭୋଗୁଛନ୍ତି ଯନ୍ତ୍ରଣା

ଅମରପାଲି,୧୫।୫(ଡି.ଏନ୍.ଏ.)

- ବୋନ୍ କ୍ୟାନ୍‌ସର ପୀଡ଼ିତା ମୀନାକ୍ଷୀଙ୍କ ଚିକିତ୍ସା ଲାଗି ଅର୍ଥ ନାହିଁ
- ରାଶନ କାର୍ଡ ନ ଥିବାରୁ ପାଇନାହାନ୍ତି ବିଜୁ ସ୍ୱାସ୍ଥ୍ୟ କାର୍ଡ
- ଚିକିତ୍ସା ପାଇଁ ଆବଶ୍ୟକ ୧୫ ଲକ୍ଷ ଟଙ୍କା


ମୀନାକ୍ଷୀ ମେହେର।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ କେନ୍ଦୁପାଲି ଗ୍ରାମର ବୁଣାକାର ରାଜୁ ମେହେରଙ୍କ ସ୍ତ୍ରୀ ମୀନାକ୍ଷୀ(୨୮)। ଗତ ୭ ବର୍ଷ ହେବ ସେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏକାଧିକ ଥର ଗୋଡ଼ର ଅସ୍ତ୍ରୋପଚାର ପରେ ବି ରୋଗ ଉପଶମ ହେଲାନି। ଶେଷରେ ଡାକ୍ତର ମୀନାକ୍ଷୀ ବୋନ୍ କ୍ୟାନ୍‌ସରରେ ପୀଡ଼ିତ ଥିବା କହିଲେ। ବଡ଼ ଅସ୍ତ୍ରୋପଚାର ଆବଶ୍ୟକ ଏବଂ ଏଥିପାଇଁ ୧୫ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତର କହିବା ପରେ ମୀନାକ୍ଷୀ ଓ ତାଙ୍କ ସ୍ୱାମୀ ରାଜୁଙ୍କ ଗୋଡ଼ତଳୁ ମାଟି ଖସିଗଲା ଭଳି ପରିସ୍ଥିତି ହୋଇଛି।

୭ ବର୍ଷ ତଳେ ମୀନାକ୍ଷୀଙ୍କ ଗୋଡ଼ ଦରଜ ହୋଇଥିଲା। ବୀରମହାରାଜପୁର ଓ ସୁବର୍ଣ୍ଣପୁର ଜିଲା ଡାକ୍ତରଖାନାରେ ସେ ଚିକିତ୍ସା କରିଥିଲେ। ଭଲ ନ ହେବାରୁ ବୁର୍ଲା ଓ ତା'ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ମାତ୍ର ସେଠାରେ ରୋଗ ଚିହ୍ନଟ ହୋଇପାରିଲା ନାହିଁ। ୨୦୧୮ରେ ମୀନାକ୍ଷୀ ୱାଲ୍‌ଟିଅର ଯାଇ ଅସ୍ତ୍ରୋପଚାର କରିଥିଲେ। ମାତ୍ର ଏହାର କିଛି ଦିନ ପରେ ପୁଣି ଗୋଡ଼ ଦରଜ ହେଲା। ୨୦୨୧ ମସିହାରେ ପୁନର୍ବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର କରାଇଲେ। ମାତ୍ର ଦରଜ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଲା। ସମସ୍ତ ପରୀକ୍ଷାନିରୀକ୍ଷା ପରେ ଡାକ୍ତର ଏବେ ଏହାକୁ ବୋନ୍ କ୍ୟାନ୍‌ସର ବୋଲି କହିଛନ୍ତି। ଅବିଳମ୍ବେ ଅପରେଶନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ଆବଶ୍ୟକ ପଡୁଛି। ମାତ୍ର ମୀନାକ୍ଷୀଙ୍କ ସ୍ୱାମୀ ରାଜୁଙ୍କ ପକ୍ଷରେ ଏତେ ଟଙ୍କା ଯୋଗାଡ଼ କରିବା ସମ୍ଭବ ହେଉନାହିଁ। ଇତିମଧ୍ୟରେ ତାଙ୍କ ପାଖରେ ଥିବା ଜମିବାଡ଼ି ଓ ସୁନା ଅଳଙ୍କାର ବନ୍ଧକ ରଖି ପ୍ରାୟ ୧୫ ଲକ୍ଷ ଖର୍ଚ୍ଚ କରିସାରିଲେଣି। ଲୁଗା ବୁଣି ପରିବାର ଚଳାଉଥିବା ରାଜୁ ଏବେ ସ୍ତ୍ରୀଙ୍କ ଚିକିତ୍ସା ଓ ୭ ବର୍ଷର ଏକମାତ୍ର ପୁଅର ପାଠପଢ଼ା କିପରି କରିବେ, ସେନେଇ କିଛି ବୁଦ୍ଧିବାଟ ପାଉନାହାନ୍ତି। ମୀନାକ୍ଷୀଙ୍କ ନାମ ରାଶନ କାର୍ଡରେ ନ ଥିବାରୁ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ମିଳିପାରିନାହିଁ। ଏଣୁ ତାଙ୍କୁ ସରକାରୀ ସହାୟତା ସହିତ ମାଗଣା ଚିକିତ୍ସା ମଧ ମିଳିପାରୁନାହିଁ। ଚିକିତ୍ସା ନ କଲେ ମୀନାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି। ମାତ୍ର ଟଙ୍କା ଅଭାବରୁ ମୀନାକ୍ଷୀ ଚିକିତ୍ସିତ ହୋଇ ନ ପାରି ଏବେ ବାପଘର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗୁଡ୍‌ଭେଲିପଦର ଗ୍ରାମରେ ସ୍ୱାମୀ ଓ ପୁଅ ସହ ରହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ମୀନାକ୍ଷୀଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ଦାବି ହେଉଛି।



## ଝାରସୁଗୁଡ଼ାରେ କାଳବୈଶାଖୀ: ବିଦ୍ୟୁତ୍ ଯୋଗାଣ ବନ୍ଦ

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ଜିଲାରେ ରବିବାର ରାତିରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଫଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିଲା। ବର୍ଷା ସହ ଘଡ଼ଘଡ଼ି ଯୋଗୁ ଲୋକେ ଭୟଭୀତ ହୋଇଥିଲେ। ବର୍ଷା ଯୋଗୁ ଗରମ କମିଥିବାରୁ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ମାତ୍ର ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ଥିବାରୁ ଲୋକେ ନାନା ହଇରାଣ ହୋଇଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଭୀମଭୋଇ ପାର୍କସ୍ଥିତ ପ୍ରତିମୂର୍ତ୍ତି, ସକାଳ ୮ଟା।
- ସମ୍ବଲପୁର ମହାନଗର ନିଗମ ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ସମିତି ପକ୍ଷରୁ କର୍ମଶାଳା, ତପସ୍ୱିନୀ ପ୍ରେକ୍ଷାଳୟ, ଅପରାହ୍ନ ୫ଟା।
- ସନ୍ଥକବି ଭୀମଭୋଇ ଜୟନ୍ତୀ, ଭୀମଭୋଇ ସାହିତ୍ୟ ସଂସଦ ସଭାକକ୍ଷ, ସନ୍ଧ୍ୟା ୬ଟା ୩୦।
- ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ଜମନକିରା,୧୫।୫(ଡି.ଏନ.ଏ.):** ସମ୍ବଲପୁର ଜିଲା ଜମନକିରା ଥାନା ଚିନିମହୁଲ ପେଟ୍ରୋଲ ଟାଙ୍କି ନିକଟରେ ରବିବାର ରାତି ପ୍ରାୟ ୧୦ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ତପନ ପଟେଲ (୨୭) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ଧକ୍କାଦେବା ପରେ ଗାଡିକୁ ନେଇ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସି ଟିଭି ଯାଞ୍ଚ କରୁଛି।

### ପାଲାର ଉତ୍ପତ୍ତି ଓ କ୍ରମବିକାଶ ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର,୧୫।୫(ବ୍ୟୁରୋ):** ରୌପ୍ୟ ଜୁବୁଲି ପାଲା ପରିଷଦ ପକ୍ଷରୁ ପାଲାର ଉତ୍ପତ୍ତି ଓ କ୍ରମବିକାଶ ଶୀର୍ଷକ ଆଲୋଚନାଚକ୍ର ରବିବାର ସମ୍ବଲପୁର ସିଦ୍ଧେଶ୍ୱରୀ ଧର୍ମ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ହୋଇଥିଲା। ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ଆଇନଜୀବୀ ରତନଲାଲ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ସାହିତ୍ୟ, ସଂସ୍କୃତି, କବି ଓ କବିତା, କଳା ଓ କଳାକାରଙ୍କୁ ପାଲା ସଂସ୍କୃତି ବଞ୍ଚାଇ ରଖିଛି। ଆଧୁନିକ ଯୁଗରେ ଛାନ୍ଦ, ଚମ୍ପୁ ଭଳି ଭାଷା ସାହିତ୍ୟର ଆନନ୍ଦ ଯୁବପିଢ଼ିଠାରୁ ଦୂରେଇ ଯାଉଛି। କିନ୍ତୁ ପାଲା ଯୁବପିଢ଼ିଙ୍କ ମଧ୍ୟରେ ସଂସ୍କୃତିର ମନ୍ତ୍ର ଉଦ୍ଜୀବିତ କରୁଛି ବୋଲି କହିଥିଲେ। କାର୍ତ୍ତିକ ପ୍ରସାଦ ବହିଦାର, ଦିଲୀପ ପୃଷ୍ଟି, ଦିବ୍ୟ ଦର୍ଶନ ସଂଘ ଉପସଭାପତି ଶଙ୍କର୍ଷଣ ଆଚାର୍ଯ୍ୟ, ଦେବାର୍ଚ୍ଚନ ଠାକୁର, ସଂପାଦକ ସୁଶାନ୍ତ କୁମାର ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ। ଦିବ୍ୟ ଦର୍ଶନ ସଂଘ ସଭାପତି ଗୋପୀନାଥ ଷଡଙ୍ଗୀ ଆଲୋଚନାଚକ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହାସ୍ୟକବି ସୁଧାଂଶୁ ଶେଖର ନାଥ, ନୃତ୍ୟଶିଳ୍ପୀ ସୁଶ୍ରୀ ମୋହିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ଷାରାଣୀ ଆଇନ୍ଦ ଓ ଦଳ ପାଲା ପରିବେଷଣ କରିଥିଲେ। ପ୍ରାରମ୍ଭରେ ନିଖିଳ ଓଡିଶା ପାଲା ପରିଷଦର ସ୍ଥାୟୀ ସଭାପତି ରଜତ କରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

### ଅଜଣା ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ,୧୫।୫:** ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସିଙ୍ଗଟୋଲା ବସ୍ତି ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ ଏବଂ ତାଙ୍କର କୌଣସି ପରିଚୟ ମିଳିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୩।୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ସିଙ୍ଗଟୋଲା ବସ୍ତିର ବିକି ଭୂମିଜ ଅପରାହ୍ନ ୨ଟା ସମୟରେ ତାଙ୍କ ପରିବା ବଗିଚାକୁ ପାଣି ଦେବା ପାଇଁ ଯାଉଥିବାବେଳେ ପାଚେରି ନିକଟରେ ଏକ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ମର୍ଗ ହାଉସ୍‌ରେ ରଖିଛି।

# କର୍ମୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର

**ବ୍ରଜରାଜନଗର ଉପନିର୍ବାଚନ**

- ବିଜେଡିର ମାରାଥନ କର୍ମୀ ସମ୍ମିଳନୀ
- ୫୦ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟ ଲକ୍ଷ୍ୟ

**ଝାରସୁଗୁଡା ଅଫିସ୍,୧୫।୫**

ବ୍ରଜରାଜନଗର ଉପନିର୍ବାଚନ ଆସନ୍ତା ୩୧ରେ ଅନୁଷ୍ଠିତ ହେବ। ଏନେଇ ବିଭିନ୍ନ ରାଜନୈତିକ ଦଳମାନଙ୍କ ତରଫରୁ ରଣନୀତି ପ୍ରସ୍ତୁତହୋଇ ପ୍ରଚାର ଧିରେଧିରେ ଆରମ୍ଭ ହେଲାଣି। ଏହି ପ୍ରଚାର ମଇଦାନରେ ପ୍ରମୁଖ ୩ଦଳ ବିଜେଡି, ଭାଜପା ଓ କଂଗ୍ରେସ ରହିଛନ୍ତି। ଏଥିମଧ୍ୟରେ ବିଜେଡି ତା'ର କର୍ମୀମାନଙ୍କୁ ନେଇ ମାରାଥନ ପ୍ରସ୍ତୁତି ବୈଠକ ଚଳାଇଛି। ରବିବାର ଏକ କର୍ମୀ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଅଳକା ମହାନ୍ତି ଯେମିତି ବିପୁଳ ଭୋଟ୍‌ରେ ବିଜୟୀ ହେବେ ଏସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

ସେହିପରି ଶନିବାର ବେଲପାହାଡ ସହରର ଏକ ହୋଟେଲରେ ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଦଳର ମହିଳା କର୍ମୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି, ଜିଲା ପର୍ଯ୍ୟବେକ୍ଷକ ତଥା କଟକ ମେୟର ସୁବାସ ସିଂହ, ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ ପ୍ରମୁଖ ଉପସ୍ଥିତ ରହି ଦଳର ରଣନୀତି ଉପରେ ଟିପସ୍ ଦେଇଥିଲେ। ଏହି ବୈଠକରେ ଦଳୀୟ ପ୍ରାର୍ଥିନୀ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ, ତାଙ୍କ ସ୍ୱାମୀ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତି ଅଞ୍ଚଳର ବିକାଶ ପାଇଁ ବହୁସ୍ୱପ୍ନ ଦେଖିଥିଲେ। ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ସେ ପ୍ରୟାସ କରିବେ ବୋଲି କହିଥିଲେ। ଏଥିରେ ଶତାଧିକ ମହିଳା କର୍ମୀ ଯୋଗଦେଇଥିଲେ।

ରବିବାର ବେଲପାହାଡ ସହରର ଏକ ହୋଟେଲରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ କର୍ମୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପର୍ଯ୍ୟବେକ୍ଷକ ତଥା କଟକ ମେୟର ସିଂହ, ସହପର୍ଯ୍ୟବେକ୍ଷକ କେଡିଆ ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ। ଏହି ବୈଠକକୁ ଲଖନପୁର ବ୍ଲକ୍ ସଭାପତି ରବିରନ୍ ପ୍ରଧାନ ପରିଚାଳନା କରିଥିଲେ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌରନିର୍ବାଚନରେ ଦଳର ସଫଳତାକୁ ଦୃଷ୍ଟିରେ ରଖି ଉପନିର୍ବାଚନରେ ୫୦ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଦଳ ବିଜୟୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥିରେ ଲଖନପୁର ବ୍ଲକ ଅଞ୍ଚଳର ଦଳୀୟ କର୍ମୀଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଟିକେଶ୍ୱର ସେନାପତି, ଜିଲା ପରିଷଦ ସତନ ସିଂହ, ଅକ୍ଷୟ ସାହୁ, ରଘୁମଣି ପ୍ରଧାନ, ସଞ୍ଜିତ ପ୍ରଧାନ, ରାଜେନ୍ଦ୍ର ସାହୁ, ପ୍ରଦୀପ ବିଶ୍ୱାଳ, ନରେନ୍ଦ୍ର ତିହିରିଆ, କୈଳାସ ନାୟକ, ସମୀର ମିଶ୍ର ପ୍ରମୁଖ କର୍ମୀମାନେ ଉପସ୍ଥିତ ଥିଲେ।


ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟ ନେତୃବୃନ୍ଦମାନେ।

# ଭୋଇପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ


ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଶ୍ରଦ୍ଧାଳୁ।

**ଗମ୍ଭୀରାକୁ ପ୍ରବେଶ କଲେ ଠାକୁର**

**ସମ୍ବଲପୁର,୧୫।୫(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ ନମ୍ବର ୱାର୍ଡ ଭୋଇପାଲି ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ୩ ଦିନ ଧରି ପୂଜାର୍ଚ୍ଚନା, ହୋମଯଜ୍ଞ, ଭଜନ କୀର୍ତ୍ତନ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ ହେବା ପରେ ଶୁକ୍ରବାର ଠାକୁର ଗମ୍ଭୀରାକୁ ପ୍ରବେଶ କରିଛନ୍ତି। ମୁଖ୍ୟ ପୁରୋହିତ ରାଜାରାମ ପଣ୍ଡାଙ୍କ ସମେତ ପଣ୍ଡିତମାନେ ପୂଜା ଅର୍ଚ୍ଚନା କରିଥିଲେ। ବିଜୟ କୁମାର ପାଢୀ ଓ ତାଙ୍କ ସହଧର୍ମିଣୀ, ସୁଧୀର ପାଣିଗ୍ରାହୀ ଓ ତାଙ୍କ ସହଧର୍ମିଣୀ, ଗୋପୀରଞ୍ଜନ ବେହେରା ତାଙ୍କ ସହଧର୍ମିଣୀଙ୍କ ସହ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପ୍ରିୟରଞ୍ଜନ ପ୍ରଧାନ ସହଧର୍ମିଣୀଙ୍କ ସହ ଯଜ୍ଞ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଗ୍ରାମର ଦୀନବନ୍ଧୁ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ଟଙ୍କଧର ଖଟୁଆଳ, ରାଜେନ୍ଦ୍ର ଭୁକ୍ତା ନେତୃତ୍ୱ ନେଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରା ଯାଇଥିବା ବେଳେ ସରକାରୀ ସ୍ତରରେ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ପ୍ରାୟ ଶହେ ବର୍ଷ ପୂର୍ବରୁ ଗ୍ରାମର ଗଣେଶ ରାମ ପଣ୍ଡା ଶ୍ରୀଜଗନ୍ନାଥଙ୍କୁ ସ୍ଥାପନା କରିଥିଲେ। ସେହିଦିନଠାରୁ ଠାକୁର ପୂଜା ପାଇ ଆସୁଛନ୍ତି। ଏପରି କି ରଥଯାତ୍ରା ଧୁମଧାମରେ ପାଳନ ହେଉଛି। ଏବେ ପୂଜା ପାଉଥିବା ସ୍ଥାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଗ୍ରାମବାସୀ ବୈଠକ କରି ନୂତନ ମନ୍ଦିର ନିର୍ମାଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ନୟାଗଡରୁ ରାଜମିସ୍ତ୍ରୀ ଆଣି ୨୦୨୧ ଡିସେମ୍ବର ମାସରୁ ନିର୍ମାଣ କାମ ଆରମ୍ଭ ହୋଇଥିଲ। ୩ ମାସରେ ମନ୍ଦିର ନିର୍ମାଣ କାମ ଶେଷ ହୋଇଥିଲା।

# ଭୀମସାରରେ ଖାଦ୍ୟବଣ୍ଟନ ଆରମ୍ଭ

**ରବିବାର ଆହାର କେନ୍ଦ୍ର ବନ୍ଦ ଯୋଗୁ ଖୋଲା ହୋଇଛି**

**ସମ୍ବଲପୁର,୧୫।୫(ବ୍ୟୁରୋ)**

ରାଜ୍ୟ ସରକାର ଗରିବ ଶ୍ରେଣୀର ଲୋକଙ୍କୁ କମ ମୂଲ୍ୟରେ ସୁଷମ ଖାଦ୍ୟ ଯୋଗାଇ ଦେବା ପାଇଁ ଆହର କେନ୍ଦ୍ର ଖୋଲିଛନ୍ତି। ବହୁତ ଲୋକ ଏଥିରେ ଉପକୃତ ହେଉଛନ୍ତି। ହେଲେ ସପ୍ତାହରେ କେବଳ ରବିବାର ଏହି କେନ୍ଦ୍ରଗୁଡିକ ବନ୍ଦ ରଖାଯାଇଥାଏ। ତେଣୁ ନିର୍ଭର କରୁଥିବା ବ୍ୟକ୍ତିଙ୍କୁ ସମସ୍ୟା ହୋଇଥାଏ। ସମ୍ବଲପୁର ବୁର୍ଲା ଭୀମସାର ପରିସରରେ ଥିବା ଆହାର କେନ୍ଦ୍ର ବନ୍ଦ ହେବା ଯୋଗୁ ରବିବାର ଦିନ ରୋଗୀ ସମ୍ପର୍କୀୟମାନଙ୍କୁ ବହୁତ ସମସ୍ୟା ହୋଇଥାଏ। ଅଧିକ ଦାମରେ ଖାଇବା କିଣନ୍ତି। ଏହାସହ କେତେଜଣଙ୍କୁ ଭୋକରେ ମଧ୍ୟ ରହିବାକୁ ପଡିଥାଏ। ଏବେ ଆଉ ଏହି ସମସ୍ୟା ଭୀମସାରରେ ରହିବ ନାହିଁ। ମାଗଣାରେ ରନ୍ଧା ଖାଦ୍ୟ ବଣ୍ଟନ ଆରମ୍ଭ ହୋଇଛି। ସାମାଜିକ ଅନୁଷ୍ଠାନ ଭୋଜନ ପକ୍ଷରୁ ପ୍ରତି ରବିବାର ମାଗଣାରେ ଖାଦ୍ୟ ବଣ୍ଟନ କରିବାକୁ ଅସ୍ଥାୟୀ କେନ୍ଦ୍ର ଉଦ୍‌ଘାଟନ ହୋଇଛି। ଅନୁଷ୍ଠାନ ସଭାପତି ରାମଦାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ରୋଗୀ ସମ୍ପର୍କୀୟ ସୁରୁ ସାହୁ, ଫୁଲ ସାହୁ, ଖବରଦାତା ପ୍ରମୋଦ ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ପଣ୍ଡା କହିଛନ୍ତି ଯେ, ଆହର କେନ୍ଦ୍ରରେ ଲୋକମାନେ ୫ ଟଙ୍କାରେ ସୁଷମ ଖାଦ୍ୟ ଖାଉଛନ୍ତି। ହେଲେ ରବିବାର ଦିନ ସମସ୍ୟା ହୋଇଥାଏ। କେତେକ ଅନୁଷ୍ଠାନ ସଦସ୍ୟ ସହ ଯୋଗଯୋଗ କରି ରବିବାର ଖାଦ୍ୟ ବଣ୍ଟନ କରିବାକୁ ସ୍ଥିର ହୋଇ ଆଜି ଆରମ୍ଭ ହୋଇଛି। ପ୍ରତି ରବିବାର ମାଗଣାରେ ଖାଦ୍ୟ ବଣ୍ଟନ କରାଯିବ। ପ୍ରଥମ ଦିନରେ ପ୍ରାୟ ୮ ଶହ ରୋଗୀ ସମ୍ପର୍କୀୟଙ୍କୁ ଖାଦ୍ୟ ଦିଆଯାଇଛି। ସଂଖ୍ୟା ବୃଦ୍ଧି ପାଇଲେ ଖାଦ୍ୟର ପରିମାଣ ଆଗାମୀ ଦିନରେ ବୃଦ୍ଧି କରାଯିବ ବୋଲି କହିଥିଲେ। ବିପିନ ବିହାରୀ ପଣ୍ଡା, ସୁବ୍ରତ ପଣ୍ଡା,ଅନୀଲ ଦେହୁରୀ, ଲକ୍ଷ୍ମୀ ପ୍ରଧାନ, ସ୍ୱାଧୀନ ଛତର, ମନୋଜ ସାହୁ, ମା' ଲିମସରିଏନ ଯୁବ ସଚେତନ ସଂଘ, ସମ୍ବଳ, ପରିଚୟ, ପ୍ରୟାସ ପରିବାର ଅନୁଷ୍ଠାନ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ସାମାଜିକ କର୍ମୀ ନିହାଲ ସିଂ, ବାବୁ ପଣ୍ଡା, ଅନୀଲ ପରିଡା, ମନୋଜ ଶର୍ମା, ବିକାଶ ଅଗ୍ରୱାଲ, ଚୈତନ୍ୟ ନାଏକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ସମ୍ବଲପୁର ବୁର୍ଲା ଭୀମସାରରେ ଖାଦ୍ୟ ବଣ୍ଟନ କରାଯାଉଛି।

## ବ୍ରାଉନସୁଗାର ଜବତ: ୫ ଗିରଫ

**ରାଜଗାଙ୍ଗପୁର, ୧୫।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଦିନକୁ ଦିନ ବ୍ରାଉନସୁଗାର ତଥା ଟରକି କାରବାର ବୃଦ୍ଧି ପାଇବାରେ ଲାଗିଛି। ରାଜଗାଙ୍ଗପୁରର ବାବାତଲାବ ପାଲଟିଛି ଏମାନଙ୍କ କାରବାରର ମୁଖ୍ୟ ଆଡ୍ଡାସ୍ଥଳୀ। ରାଜଗାଙ୍ଗପୁର ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ, ରବିବାର ରାଉରକେଲାରୁ ରାଜଗାଙ୍ଗପୁରକୁ ବ୍ରାଉନସୁଗାର ତଥା ଟରକି ନେଇ କିଛି ଲୋକ ଆସୁଛନ୍ତି। ରାଜଗାଙ୍ଗପୁର ପୋଲିସ ରାଜଗାଙ୍ଗପୁର ବାଇପାଶ ଛକ ନିକଟ ରାଣିବନ୍ଧ ନିକଟରେ ସନ୍ଦେହ କରି ଦୁଇଟି ବାଇକ୍‌ରେ ବସିଥିବା ୫ ଜଣଙ୍କୁ ଅଟକାଇ ସେମାନଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେମାନଙ୍କ ଠାରୁ ୧୦ ଗ୍ରାମ ୬୦୦ ମିଗ୍ରାର ବ୍ରାଉନସୁଗାର/ଟରକି ଜବତ କରିବା ସହ ୮୭୦୦ ଟଙ୍କା, ୭ଟି ମୋବାଇଲ, ୨ଟି ମୋଟର ସାଇକେଲ ନଂ. ଓଡ଼ି ୧୬ଇ ୩୪୮୨ ଏବଂ ଓଡ଼ି ୧୬ସି ୨୭୦୨ ମଧ୍ୟ ଜବତ କରି ଏକ ମାମଲା (ନଂ ୨୨୫।୨୨) ରୁଜୁ କରିଛି। ଗିରଫ ୫ ଜଣ ରାଜଗାଙ୍ଗପୁର ସହରର ବାସିନ୍ଦା ଏବଂ ଏମାନେ ହେଲେ ମୌସିନ ଅକତର, ମହମ୍ମଦ ନସିମ,କରିମ ଖାନ, ଅରମାନ ଖାନ ଓ ନରେଶ କଲେତ। ରବିବାର ସନ୍ଧ୍ୟାରେ ରାଜଗାଙ୍ଗପୁର ଥାନାଧିକାରୀ ବିଭସ ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ସ୍କୁଲ ପାଖରେ ମଦ ଦୋକାନ, ବଢୁଛି ଅସନ୍ତୋଷ

**କୁଚିଣ୍ଡା,୧୫।୫(ଡି.ଏନ.ଏ.)**

କୌଣସି ଶିକ୍ଷାନୁଷ୍ଠାନ ପାଖରେ ମଦ ଦୋକାନ ଖୋଲିବା ନିୟମ ନ ଥିବା ବେଳେ କୁଚିଣ୍ଡା ସହରର ରାଜୀବଗାନ୍ଧୀ ଛକରେ ଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିକଟରେ ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହାକୁ ନେଇ ଅଭିଭାବକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ପୂର୍ବରୁ ଏହି ମଦ ଦୋକାନ ଉକ୍ତ ଶିକ୍ଷାନୁଷ୍ଠାନ ଠାରୁ ଦୂରରେ ରହିଥିଲା। ଏବେ ପ୍ରାୟ ୨ମାସ ହେବ ଦୋକାନଟି ସ୍କୁଲ ପାଖକୁ ଉଠି ଆସିଛି। ଫଳରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ପିଲାଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ଏପରି କି ସ୍କୁଲ ଛୁଟି ପରେ ପିଲାମାନଙ୍କୁ ନେବାକୁ ଆସୁଥିବା ଅଭିଭାବକମାନେ ବିଭିନ୍ନ ସମୟରେ ମଦ୍ୟପ ବ୍ୟକ୍ତିଙ୍କ ଦୌରାତ୍ମ୍ୟର ଶିକାର ହେଉଛନ୍ତି। ପାଖରେ ଥିବା ଅନ୍ୟ ଦୋକାନକୁ ଆସୁଥିବା ଗ୍ରାହକ ଓ ମହିଳାମାନେ ନିଜକୁ ନିରାପଦ ମନେ କରୁନାହାନ୍ତି। ସ୍କୁଲ ପାଖରେ ମଦ ଦୋକାନ ଖୋଲାଯିବା ନେଇ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ଅଭିଭାବକଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତୁତି ଚାଲିଥିବା ଜଣାଯାଇଛି। ଏ ସମ୍ପର୍କରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କୁ ପଚରାଯିବାରେ ଦୂରରେ ହେବ ବୋଲି କୁହାଯାଇଥିବା ବେଳେ ସ୍କୁଲ ପାଖରେ ମଦ ଦୋକାନ ହେବା ସ୍କୁଲ ପାଇଁ ଅଡୁଆ କହିଛନ୍ତି। ତେବେ କିପରି ସ୍କୁଲ ପାଖରେ ମଦ ଦୋକାନ ଖୋଲାଯିବା ପାଇଁ ଅନୁମତି ମିଳିଲା ସେଥିନେଇ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅବକାରୀ ଇନ୍ସପେକ୍ଟର ପବିତ୍ର ମୋହନ ମାଝୀଙ୍କୁ ପଚାରିବାରେ, ସ୍କୁଲରୁ ୭୦ମିଟର ଦୂରରେ ଏହି ବିଦେଶୀ ମଦ ଦୋକାନ ରହିଛି। ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ଏନଓସି ରହିଛି। ଏ ସମ୍ପର୍କରେ ଆମେ ଜିଲା ଅଫିସକୁ ରିପୋର୍ଟ ଦେଇ ସାରିଛୁ। ମଦ ଦୋକାନ ସ୍ଥାନାନ୍ତର ଆମ ହାତରେ ନାହିଁ ବୋଲି କହିଛନ୍ତି। ପ୍ରଶାସନ ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ରାଉରକେଲାରେ ଚକ୍ଷୁ ପରୀକ୍ଷା ଶିବିର

**ରାଉରକେଲା ଅଫିସ,୧୫।୫**

ରାଉରକେଲା ବିଦ୍ୟା ଷ୍ଟଡିପଏଣ୍ଟ ଓ ସେକ୍ଟର-୨୨ ଏମ୍ପ୍ଲଇଜ ୱେଲଫେୟାର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଡାକ୍ତର ପି. ସି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଟାଙ୍ଗରପାଲୀ ଥାନାଧିକାରୀ ସୁଦର୍ଶନ ପଣ୍ଡା, ଡାକ୍ତର ଫକୀର ଚରଣ ହୋତା, ଡାକ୍ତର ବିଷ୍ଣୁପ୍ରିୟା ଦେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ମୋଟ୍ ୧୬୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା। ସାମାଜିକ କର୍ମୀ ବସନ୍ତ ପାଠୀ, ଦୀପକ ଦାଶ, ପ୍ରମୋଦ ମହାନ୍ତି, ଶ୍ରୀଚରଣ ସାମଲ, ମହେନ୍ଦ୍ର କୁମାର ନନ୍ଦ ଓ ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ସୁନୀଲ ସାମଲ, ଚନ୍ଦ୍ର ଶେଖର ମୁନୀ, ରାଜେନ୍ଦ୍ର ସୂତାର, ଶିବ ଶଙ୍କର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନୂତନ ନଳକୂପ ଖନନ

**ଜମନକିରା,(ଡି.ଏନ.ଏ.)**

ଜମନକିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡି ପଞ୍ଚାୟତର ବାଙ୍କଟାଳ ଏବଂ ଲଙ୍କେଶରୀ ଚର୍ଚ୍ଚ ପଡ଼ାରେ ରବିବାର ଜିଲା ପରିଷଦ ଜୋନ-୧ ସଭ୍ୟା ସୁଜାତା ଖୁଣ୍ଟିଆଙ୍କ ପ୍ରଚେଷ୍ଟାରେ ନୂତନ ନଳକୂପ ଖନନ କରାଯାଇଛି। ଏଥିସହ ପଡ଼ାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମସ୍ୟାର ସମାଧାନ କିପରି ହୋଇପାରିବ ସେନେଇ ପ୍ରଶାସନକୁ ଜଣେଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଖୁଣ୍ଟିଆଙ୍କ ସହ ଫାଦର୍ ପାଉଲ, ସୁଶାନ୍ତ କୁମାର ମେହେର, ମିତ୍ରଭାନୁ ଭୋଇ, ରଞ୍ଜିତ କୁଲୁ, ରଜନସ କୁଲୁ, ରାଜୀବ ନାୟକ, ସୁଦର୍ଶନ ଖୁଣ୍ଟିଆଙ୍କ ସହ ଗ୍ରାମର ବହୁ ମୁରବୀ ଉପସ୍ଥିତ ଥିଲେ।

# ଭାଜପା ରାଜ୍ୟ ପ୍ରଭାରୀଙ୍କ କର୍ମୀ ସମ୍ମିଳନୀ

**ବ୍ରଜରାଜନଗର ଉପନିର୍ବାଚନ**

**ଝାରସୁଗୁଡା ଅଫିସ୍,୧୫।୫**

ବ୍ରଜରାଜନଗର ଉପନିର୍ବାଚନ ଆସନ୍ତା ୩୧ରେ ହେବ। ଏନେଇ ବିଭିନ୍ନ ରାଜନୈତିକ ଦଳ ତରଫରୁ ରଣନୀତି ପ୍ରସ୍ତୁତ କରାଯାଇଛ। ଏହା ସହିତ କିଭଳି ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବେ ଏନେଇ ନେତୃବୃନ୍ଦ ଦଳୀୟ କର୍ମୀମାନଙ୍କୁ ବୈଠକରେ ଗୁରୁମନ୍ତ୍ର ଦେଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଭାଜପା ତରଫରୁ ବ୍ରଜରାଜନଗରସ୍ଥିତ ମାହେଶ୍ୱରୀ ଭବନରେ ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରଭାରୀ ଡି ପୁରେନ୍ଦେଶ୍ୱରୀ, ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ଜିଲା ପ୍ରଭାରୀ ବିଧାୟକ ଶଙ୍କର ଓରାମ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ଦଳୀୟ ପ୍ରାର୍ଥୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ସୁନିଲ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଜିଲା ସାଧାରଣ ସମ୍ପାଦକ ଚକାନନ୍ଦ ସା ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ପ୍ରଭାରୀ ପୁରେନ୍ଦେଶ୍ୱରୀ ନିର୍ବାଚନ ପରିଚାଳନା ସମ୍ପର୍କରେ ନେତା ଓ କର୍ମୀଙ୍କୁ କେତେକ ଟିପସ୍ ଦେଇଥିଲେ। ଏଥିରେ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ସ୍ତରର କର୍ମୀ, ସରପଞ୍ଚ, ସମିତିସଭ୍ୟ ଓ ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ ନେତା।

# ବିଜୁ ଛାତ୍ର ଜନତା ଦଳର ବୈଠକ

**ଯୋଗ ଦେଲେ ରାଜ୍ୟସ୍ତରୀୟ କର୍ମକର୍ତ୍ତା**

**ସମ୍ବଲପୁର,୧୫।୫(ବ୍ୟୁରୋ)**

ସମ୍ବଲପୁର ପୂର୍ତ୍ତବିଭାଗ ଆଇବିରେ ବିଜୁ ଛାତ୍ର ଜନତା ଦଳର ଏକ ବୈଠକ ରବିବାର ଅନୁଷ୍ଠିତ ହେଇଯାଇଛି। ସମ୍ବଲପୁର ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଡ. ସିଦ୍ଧାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସଂପାଦକ ଶୁଭ୍ରାଂଶୁ ପାଢୀଙ୍କ ସମେତ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ଜିଲାର ବିଭିନ୍ନ ଅଞ୍ଚଳର ଛାତ୍ର ସଂଗଠନ ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଛାତ୍ର ସଂଗଠନ ଜିଲାରେ କିଭଳି ଆହୁରି ମଜଭୁତ ହେବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ସଦାନନ୍ଦ ଦାସ, ରେଙ୍ଗାଲି ବ୍ଲକ ସଭାପତି ବବଲୁ ରାଉତ, କୁଚିଣ୍ଡା ଏନଏସିର ଅଭିଲାଷ ଅଗ୍ରୱାଲ, ଜିଲା ସାଧାରଣ ସଂପାଦକ ଦୀପ୍ତିରଞ୍ଜନ ମଲ୍ଲିକ, ଜିଲା ସଂପାଦକ ବିବେକ ବହିଦାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବୈଠକ ଶେଷରେ ଜିଲା ସଭାପତି ମହାନ୍ତି ନିଜ ପଦରୁ ଇସ୍ତଫା ଦେଇଥିଲେ। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସଂପାଦକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଇସ୍ତଫା ପତ୍ର ପ୍ରେରଣ କରିଥିଲେ। ବିଜୁଜନତା ଦଳ ଦାୟିତ୍ୱ, ଭଲପାଇବା, କାମ କରିବାର ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାସହ ରେଢାଖୋଲ ବିଧାୟକ ତଥା ସରକାରୀ ଉପ ମୁଖ୍ୟ ସଚେତକ ରୋହିତ ପୁଜାରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ।


ସମ୍ବଲପୁର ବିଜୁ ଛାତ୍ରଜନତା ଦଳ କର୍ମକର୍ତ୍ତାମାନେ।

# 'ଜୀବନକୁ ମାନବ ସେବାରେ ଉତ୍ସର୍ଗୀକୃତ କରିବା ହିଁ ମାନବତା'

**ସୁନ୍ଦରଗଡ଼,୧୫।୫(ଡି.ଏନ୍.ଏ.)**

ସକରାତ୍ମକତା ହିଁ ସଫଳତାର ଆଧାର। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଭିନ୍ନଭିନ୍ନ ଅଭିଳାଷ ରହିଥାଏ। ଜୀବନକୁ ଅର୍ଥ ଉପାର୍ଜନରେ ନୁହେଁ ମାନବ ସେବାରେ ଉତ୍ସର୍ଗୀକୃତ କରିବା ହିଁ ମାନବତା ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ପ୍ରକାଶ କରିଛନ୍ତି। ସ୍ଥାନୀୟ ରାଉରକେଲା ସିନିୟର ନର୍ସିଂ କଲେଜର ବାର୍ଷିକ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କୁଳପତି ମିତ୍ତଲ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ନର୍ସିଂ ସେବା ଏକ ମହତ ସେବା। ମଦର ଟେରେସାଙ୍କ ପରି ନିସ୍ୱାର୍ଥପର ସେବା ପ୍ରଦାନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟୟନରେ ମନୋନିବେଶ କରି ଏହି ମହାନ ବୃତ୍ତିକୁ ମାନବ ସେବା ପାଇଁ ନିୟୋଜିତ କରିବାକୁ କହିଥିଲେ। ଯଦି ସୂର୍ଯ୍ୟ ପରି ଉଜ୍ଜ୍ୱଳ ହେବାକୁ ଚାହଁ, ତା ହେଲେ ସୂର୍ଯ୍ୟଙ୍କ ପରି ମଧ୍ୟ ଜଳିବାକୁ ଶିଖ ବୋଲି କୁଳପତି ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟିଟିଲାଗଡ଼ ଡିଏଭି କଲେଜର ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଓ ଅନ୍ୟତମ ଅତିଥି ଭାବେ ଆଶା ଡାଏରୀ ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଫକୀର କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଓ ଅନ୍ୟମାନେ।

**ଜାମଟିକ୍ରାରେ ପାଠଚକ୍ର**

ଜାମଟିକ୍ରା,(ଡି.ଏନ.ଏ): ଅତାବିରା ବ୍ଲକ ଅଧୀନ କୁଲୁଣ୍ଡା ପଞ୍ଚାୟତର ବାଞ୍ଜିପାଲି ଗ୍ରାମରେ ରବିବାର ସକାଳେ ଶ୍ରୀ ଦିବ୍ୟଜୀବନ ଶ୍ରୀମାଙ୍କ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ପ୍ରାର୍ଥନା ଆରମ୍ଭ ହୋଇ ପାଠଚକ୍ର କରାଯାଇଥିଲା। ଏଥିରେ ଲାଦରପାଲି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ସରୋଜ ରଥ, ହରିବୋଲ ଅଦାବର, ଧର୍ମରାଜ ସାହୁ, ଶୁଶାନ୍ତ ସେଟ, ଗିରି ଭୋଇ ପ୍ରମୁଖ ଯୋଗଦାନ କରି ଶ୍ରୀମାଙ୍କ ଉପରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବିନିକା ଥାନାରେ ମେଗା ରକ୍ତଦାନ ଶିବିର

**୧୬୨ ୟୁନିଟ୍ ରକ୍ତ ସଂଗ୍ରହ**



ବିନିକା,୧୫।୫(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଥାନାରେ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅମରେଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଥାନା ଅଧିକାରୀ ପବିତ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୬୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିନିକା ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନ ବଜରଙ୍ଗ ଦଳ, ଡ୍ରାଇଭର ମହାସଂଘ, ହେଲ୍ପ ଟୁ ଅଦର୍ସ, ବିନିକା ସାମ୍ବାଦିକ ସଂଘ,ବାଉଁଶୁଣୀ ଯୁବକ ମହାସଂଘ, ପର୍ଶୁରାମ ସେନା, ମାନବ କଲ୍ୟାଣ ସମିତି କର୍ମକର୍ତ୍ତାଙ୍କ ସହ ବିନିକା ପୋଲିସ ଟିମ୍ ସଦସ୍ୟ ରକ୍ତଦାନ କରିଥିଲେ। ରାଜ୍ୟ ପୋଲିସ ବାହିନୀ ରକ୍ତ ସଂଗ୍ରହ ସଂଯୋଜକ ମନୋଜ ପଣ୍ଡା, କୃଷ୍ଣଚନ୍ଦ୍ର ମେହେର, ପ୍ରମିଳା ମରେଇ, ସୁଜାତା ବୁଡେକ, ମହେନ୍ଦ୍ର ବରିହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡ. ଅଭିଷେକ ଦେହେରୀ, ଡ. ଜଗନ୍ନାଥ ବେହେରା, ମଣ୍ଟୁ ପଧାନ, ଦେବାଶିଷ ମିଶ୍ର, ଜନକ ବେହେରା, ପୂର୍ଣ୍ଣ ଭୋଇ, ସୁବାସ ପଣ୍ଡା, ଜଗତ ଦିବାନ, ଟଙ୍କଧର କୁଅଁର ପ୍ରମୁଖଙ୍କ ସହ ସୋନପୁର ଓ ବୁର୍ଲା ରକ୍ତଭଣ୍ଡାର କେନ୍ଦ୍ର ଅଧିକାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହାପରେ ଜିଲା ଆରକ୍ଷୀ ଅଧୀକ୍ଷକ ପଣ୍ଡା ସାମାଜିକ ସଂଗଠନ କର୍ମକର୍ତ୍ତା ଓ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

### ହ୍ୟାପି ଟୁ ହେଲ୍ପ ଫାଉଣ୍ଡେସନ ପକ୍ଷରୁ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ସହାୟତା

ଦେବଗଡ଼,୧୫।୫(ଡି.ଏନ୍.ଏ): ସ୍ଥାନୀୟ ଯୁବକଙ୍କୁ ନେଇ ନୂତନ ଭାବେ ଗଢିଉଠିଥିବା ସଙ୍ଗଠନ ହ୍ୟାପି ଟୁ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ଗତ କିଛିମାସ ହେଲା ପ୍ରତ୍ୟେକ ରବିବାରରେ ମନ୍ଦିର, ମସଜିଦ, ଶିକ୍ଷାନୁଷ୍ଠାନ ଓ ଜଳାଶୟଗୁଡିକର ସଫେଇ, ପୁନରୁଦ୍ଧାର ଏବଂ ରକ୍ଷଣାବେକ୍ଷଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ଦେବଗଡ଼ କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ପାଇଁ ଫାଉଣ୍ଡସନର ନିଜସ୍ୱ ଖର୍ଚ୍ଚରୁ ବିଜୁଳି ଆଲୁଅ ସହ ନୂତନ ଫ୍ୟାନର ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନରେ ହ୍ୟାପି ଟୁ ହେଲ୍ପ ଫାଉଣ୍ଡେସନର ସଭାପତି ଶୁକଦେବ ଭଞ୍ଜ, ସମ୍ପାଦକ ଆଲୋକ କୁମାର ଅମାନ୍ତ, କୋଷାଧକ୍ଷ ବିଷ୍ଣୁ ପ୍ରସାଦ ନାୟକ, ସଦସ୍ୟ ରାଜକିଶୋର ଦାଶ, ଯତୀନ କୁମାର ନାୟକ, ଦିପନ ନାୟକ, ପ୍ରଭାତ କୁମାର ସାହୁ, କଳିତ କୁମାର କର, ସୁଶାନ୍ତ କୁମାର ନାୟକ, ବିକାଶ କୁମାର ନାୟକ, କାହ୍ନୁ ଦେବତା, ସଞ୍ଜୟ ଥାପ୍ପା, ପ୍ରୀତିଶ ପ୍ରକାଶ ମହାପାତ୍ର, ସୁକେନ ମୁଖି, ଅମ୍ଲାଂଶୁ ପୂଜାରୀ, ଶଶାଙ୍କ ଶେଖର ଆଚାର୍ଯ୍ୟ, ଅଜୟ କୁମାର ସାହୁ, ସନ୍ତୋଷ ବାର୍ଲା, ଶାଶ୍ୱତ ନନ୍ଦ, ଭୁବନ ନାୟକ , ବାଦଲ ନାୟକ ଓ ଆରତୀ ଦେଈ ପ୍ରମୁଖ ଦେବଗଡ଼ ପୌରାଞ୍ଚଳ ୯ ନମ୍ବର ୱାର୍ଡସ୍ଥିତ ଦେବଗଡ଼ କୁଷ୍ଠାଶ୍ରମକୁ ଯାଇ ଏହି ସହାୟତା ପ୍ରଦାନ କରିଥିଲେ। ଆଗାମୀ ଦିନରେ ମଧ ଅନ୍ତେବାସୀମାନଙ୍କ ପାଇଁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଉଦ୍ୟମ କରାଯିବ ବୋଲି ସମ୍ପାଦକ ଅମାନ୍ତ ପ୍ରତିଶ୍ରୁତି ଦେଇଛନ୍ତି।

# ପାନୀୟଜଳ ପାଇଁ ହଟହଟା

ବରଗଡ଼ ଅଫିସ୍,୧୫।୫

**ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ**
- ପାନୀୟଜଳ ପ୍ରକଳ୍ପରୁ ଝରୁନି ପାଣି
- ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ନଳକୂଅ
- ପାଣି କିଣି ଶୋଷ ମେଣ୍ଟାଉଛନ୍ତି ଯାତ୍ରୀ

ବରଗଡ଼ ସହର ପେଣ୍ଠସ୍ଥଳରେ ରହିଛି ସରକାରୀ ବସ୍‌ଷ୍ଟାଣ୍ଡ। ଜିଲା ସଦର ମହକୁମାରେ ବସ୍‌ଷ୍ଟାଣ୍ଡ ଥିଲେ ମଧ୍ୟ ଏଠାରେ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ଅପହଞ୍ଚ ହୋଇ ପଡ଼ିଛି। ପାନୀୟଜଳ ପାଇଁ ଯାତ୍ରୀମାନେ ଖୁବ୍ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପାନୀୟଜଳ ପ୍ରକଳ୍ପ, ନଳକୂଅ ରହିଛି । କିନ୍ତୁ ଦୀର୍ଘଦିନ ହେଲା ତାହା ଅଚଳ ଅବସ୍ଥାରେ ପଡ଼ିଛି। ଏହା ସ୍ଥାନୀୟ ପ୍ରଶାସନିକ ପଦାଧିକାରୀ, ଜନପ୍ରତିନିଧିଙ୍କୁ ଅଜଣା ହୋଇ ରହିନାହିଁ। ମାତ୍ର ସେ ଦିଗରେ କେହି କିଛି ପଦକ୍ଷେପ ନେଉନାହାନ୍ତି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ଦେଇ ପଡ଼ୋଶୀ ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର ଦେଇ ରାଜ୍ୟର ବିଭିନ୍ନ ଜିଲାକୁ ସରକାରୀ ବସ୍ ଯାତାୟାତ କରୁଛି। ଉକ୍ତ ବସ୍‌ଷ୍ଟାଣ୍ଡରୁ ସମ୍ବଲପୁରକୁ ସିଟି ବସ୍ ଯିବା ଆସିବା କରିଥାଏ। ବ୍ୟବସାୟିକ ଦୃଷ୍ଟିକୋଣରୁ ବରଗଡ଼-ଛତିଶଗଡ଼ର ସମ୍ପର୍କ ରହିଥିବାରୁ ଉକ୍ତ ବସ୍‌ଷ୍ଟାଣ୍ଡ ଉପରେ ଅନେକ ବ୍ୟବସାୟୀ ମଧ୍ୟ ନିର୍ଭର କରିଥାନ୍ତି। ମାତ୍ର ଏଠାରେ ଯାତ୍ରୀଙ୍କୁ ଯେଉଁଭଳି ମୌଳିକ ସୁବିଧା ସୁଯୋଗ ମିଳିବା କଥା, ତାହା ଉପଲବ୍ଧ ହେଉନାହିଁ।



ଅଚଳ ହୋଇ ପଡ଼ିଥିବା ଥଣ୍ଡା ପାନୀୟଜଳ ପ୍ରକଳ୍ପ।



ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ନଳକୂଅ।

ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଏଠାରେ ପାନୀୟ ଜଳାଭାବ ଦେଖାଦେଇଛି। ବସ୍‌ଷ୍ଟାଣ୍ଡରେ ନଳକୂଅ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସେହିପରି ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ୨୦୧୧ରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଏବଂ ଶୌଚାଳୟ ନିର୍ମାଣ ହୋଇଥିଲା। ଶୌଚାଳୟରେ ଅନେକ ସମୟ ତାଲା ଝୁଲୁଥିବାବେଳେ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିଲା। ବରଗଡ଼ ମାରୱାଡ଼ି ଯୁବାମଞ୍ଚ ୨୦୧୭-୧୮ରେ ସେହି ସ୍ଥାନରେ ଅମୃତଧାରା ପାନୀୟଜଳ ପ୍ରକଳ୍ପ ବ୍ୟବସ୍ଥା କରିଥିଲେ। ମାତ୍ର ତାହା ମଧ୍ୟ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ଯାତ୍ରୀମାନେ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବର୍ତ୍ତମାନ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଫଳରେ ପଡ଼ୋଶୀ ଜିଲା ଗୁଡ଼ିକରୁ କୃଷି ଶ୍ରମିକମାନେ ଯାତ୍ରୀବାହୀ ବସ୍ ଯୋଗେ ଏଠାକୁ ଆସୁଛନ୍ତି । ସେମାନଙ୍କୁ ମଧ ପାଣି ପାଇଁ ହଟହଟା ହେବାକୁ ପଡୁଛି। ଏହାସତ୍ତ୍ୱେ ଏଠାରେ ବର୍ତ୍ତମାନ ପର୍ଯ୍ୟନ୍ତ ଜଳଛତ୍ରଟିଏ ମଧ୍ୟ ଖୋଲା ଯାଇନାହିଁ। ଏ ସମ୍ପର୍କରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ସେଠାରେ ଯଦି ସେଭଳି ପାନୀୟଜଳ ସମସ୍ୟା ଦେଖାଯାଇଛି। ବସ୍‌ଷ୍ଟାଣ୍ଡ କର୍ତ୍ତୃପକ୍ଷ ପ୍ରଶାସନର ଦୃଷ୍ଟିକୁ ତୁରନ୍ତ ଆଣିବା କଥା। ଏହି ସମସ୍ୟା କେହି ତାଙ୍କ ଦୃଷ୍ଟିକୁ ଆଣି ନ ଥିଲେ । ଅତିଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ଆଚାର୍ଯ୍ୟ କହିଥିଲେ।

## ଶିକ୍ଷୟିତ୍ରୀଶିକ୍ଷକ ସଭ୍ୟ ସମାଜର ନିର୍ମାତା



ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ବଲାଙ୍ଗୀର ଅଫିସ, ୧୫।୫

**ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ବୈଠକ**

ବଲାଙ୍ଗୀର ସରକାରୀ ଟାଉନ ବାଳିକା ଉଚ୍ଚବିଦ୍ୟାଳୟଠାରେ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବୈଠକ ସୁଧାଂଶୁ ଶେଖର ବାରିକଙ୍କ ଆହ୍ୱାନକ୍ରମେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ଦ୍ୱିତିରଞ୍ଜନ ମହାଲିଙ୍ଗ ଅଧ୍ୟକ୍ଷତା କରିଥିଲେ। ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଶିକ୍ଷକଙ୍କୁ ସଭ୍ୟ ସମାଜର ନିର୍ମାତା ବୋଲି କହିଥିଲେ । ଉପଦେଷ୍ଟା ନରେଶ ଦ୍ୱାରୀ ଛାତ୍ରଙ୍କ ଭବିଷ୍ୟତ ଗଠନର ଗୁରୁ ଦାୟିତ୍ୱ ଶିକ୍ଷକମାନଙ୍କ ହାତରେ ନ୍ୟସ୍ତ ରହିଛି ବୋଲି କହିଥିଲେ। ପୂର୍ବତନ ସଭାପତି ବିନୋଦ ମିଶ୍ର ତାଙ୍କ ବକ୍ତବ୍ୟରେ ଶିଶୁମାନଙ୍କ ପ୍ରତିଭାକୁ ପରିପ୍ରକାଶ କରିବାକୁ ହେଲେ ଆଦର୍ଶ ଶିକ୍ଷା ଓ ଉତ୍ତମ ପରିବେଶ ଆବଶ୍ୟକ ବୋଲି କହିଥିଲେ । ବୈଠକରେ ୨୦୨୧ ବ୍ୟାଚର ଇନିସିଆଲ ଏପଣ୍ଟି ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁଧୀର କୁମାର ପଧାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା ରଞ୍ଜିତ ମିଶ୍ର, ରାମ ନାରାୟଣ ଦାଶ, ଶିକ୍ଷକ ଗୋବିନ୍ଦ ସାହୁ, ଧ୍ରୁବ ଚରଣ ସାହୁ, ନଜରୋଲ ପୁଟେଲ, ଲକ୍ଷ୍ୟପତି ପଧାନ, ଦୀପେଶ କୁମାର ଗଡୁଆ, ସୁନନ୍ଦା ନାଏକ, ଆଲୋକ ପଧାନ, ଭୋଜରାଜ ମେହେର, ରୋହିତ ରଣା, ମାଣିକରାମ ଜାଲ, ଦଧିସୂଦନ ନାଗ, ମନୋଜ ପଧାନ, ସନ୍ଧ୍ୟାରାଣୀ ମିଶ୍ର, ପୂଜା ତ୍ରିପାଠୀ, କୁଶପୁଷ୍ଟି ବାଗ, ସୁଷମା ପଧାନ, ପଦ୍ମାଳୟା ତ୍ରିପାଠୀ, ଗାୟତ୍ରୀ ମଲ୍ଲିକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ବିଦ୍ୟାଳୟର ଅନୁଭୂତି ବଖାଣି ଥିଲେ। ଦୀପେଶ କୁମାର ଗଡୁଆ, କୁଶ ପୃଷ୍ଟି ବାଗ, ଭୋଜରାଜ ମେହେର, ଲକ୍ଷ୍ୟପତି ପଧାନ ପ୍ରମୁଖଙ୍କୁ ଇନିସିଆଲ ଏପଇଣ୍ଟି ଶିକ୍ଷକ ମାନଙ୍କ ପ୍ରତିନିଧି ରୂପେ ମନୋନୀତ କରାଯାଇଛି।

## ଉତ୍ସବ ସଂସ୍କୃତି, ସମାଜ ସୁଧାରର ବାର୍ତ୍ତା ଦିଏ

ସୋନପୁର,୧୫।୫(ନି.ପ୍ର.)

**ମହାନଦୀ ଉତ୍ସବ -୨୦୨୨**
- ଯୁଧିଷ୍ଠିରଙ୍କୁ ସାହିତ୍ୟ, କୈବଲ୍ୟଙ୍କୁ ସଙ୍ଗୀତ, ସୁରୁଙ୍କୁ ନାଟ୍ୟ ଓ ଚୌଧୁରୀଙ୍କୁ ଯୁବ ପ୍ରତିଭା ସମ୍ମାନ

ମହାନଦୀ ସାହିତ୍ୟ ସଂସଦର ବାର୍ଷିକ ସମାରୋହ ତଥା କଳା, ସାହିତ୍ୟ ଓ ସାଂସ୍କୃତିକ ମହାପାର୍ବଣ ମହାନଦୀ ଉତ୍ସବ-୨୦୨୨ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ତ୍ରିବେଣୀ ସଙ୍ଗମଠାରେ ଅନୁଷ୍ଠିତ ଏହି ସମାରୋହରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଦାଶ ତାଙ୍କ ବକ୍ତବ୍ୟରେ ଉତ୍ସବ ସଂସ୍କୃତି, ସମାଜ ସୁଧାରର ବାର୍ତ୍ତା ଦିଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଗଙ୍ଗାଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଯୁଗଳେଶ୍ୱରୀ ଦାଶ, ସୁବର୍ଣ୍ଣପୁର ପୌର ପରିଷଦର ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ଓ ଗଣମାଧ୍ୟମର ପ୍ରତିନିଧି ସପନ ମିଶ୍ର ପ୍ରମୁଖ ଯୋଗଦେଇ କଳା, ସଂସ୍କୃତି ଓ ସାହିତ୍ୟ ଅଞ୍ଚଳର ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ସଂସଦର ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକ, ସମ୍ପାଦକ ଡକ୍ଟର ସୌରଭ ରଞ୍ଜନ ଖମାରୀ ଓ ଅଧାପକ ଡକ୍ଟର ପୁରୁଷୋତ୍ତମ ମିଶ୍ର ମଞ୍ଚାସୀନ ଥିଲେ। ଯୁଧିଷ୍ଠିର ବାରିକଙ୍କୁ ମହାନଦୀ ସାହିତ୍ୟ ସମ୍ମାନ, କୈବଲ୍ୟ କୁମାର ମିଶ୍ରଙ୍କୁ ମହାନଦୀ କଳା ଓ ସଙ୍ଗୀତ ସମ୍ମାନ, ସୁରୁ ସାହୁଙ୍କୁ ମହାନଦୀ ନାଟ୍ୟ ସମ୍ମାନ ଓ ଚୌଧୁରୀ ବିଭାରଙ୍କୁ ଅତିଥିଙ୍କ ଦ୍ୱାରା ମହାନଦୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରା ଯାଇଥିଲା। ଏହି ଅବସରରେ ନଦୀ ସଙ୍ଗମ ସ୍ଥଳରେ ସଙ୍ଗମ ଆଳତି ଓ ମହାନଦୀ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ପରେ ଶାସ୍ତ୍ରୀୟ ଓଡିଶୀ ନୃତ୍ୟ ଓ ସମ୍ବଲପୁରୀ ଲୋକ ସଙ୍ଗୀତ ପରିବେଷଣ ହୋଇଥିଲା। ବେଣୁଧର ପ୍ରଧାନ, ଶ୍ୟାମା ଓଁ ପ୍ରସାଦ ମିଶ୍ର, ଅମ୍ବୁଜ ବିହାରୀ ଶତପଥୀ, ବିଘ୍ନରାଜ ପଣ୍ଡା ଓ ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମହାନଦୀ ସାହିତ୍ୟ ସଂସଦ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ଓ ରାମେଶ୍ୱର ସଙ୍ଗମ ଆଳତୀ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ଏହି ଉତ୍ସବ ଆୟୋଜିତ ହୋଇଥିଲା।



କୋସଲି କବି ଯୁଧିଷ୍ଠିର ବାରିକଙ୍କୁ ମହାନଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।




ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ରବିବାର ବଲାଙ୍ଗୀରରେ ଜିଲା ଛାତ୍ର କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ସୁନୀଲ)

## ଥାନା ଘେରାଉ ପରେ ଜବରଦଖଲ ହଟିଲା

**ଝାରକୁଣ୍ଡା କମ୍ୟୁନିଟି କେନ୍ଦ୍ର**

ଅମରପାଲି, ୧୫।୫(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ତଥା ଚମ୍ପାମାଳ ପଞ୍ଚାୟତ ଅନ୍ତର୍ଗତ ଝାରକୁଣ୍ଡା ଗ୍ରାମରେ ଥିବା ଏକ କମ୍ୟୁନିଟି ସେଣ୍ଟର ଜବରଦଖଲକୁ ନେଇ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ସରକାରୀ ଅନୁଦାନରେ ନିର୍ମିତ ଉକ୍ତ ଗୃହକୁ ଗାଁର ଜଣେ ବ୍ୟକ୍ତି ଦୀର୍ଘଦିନ ଧରି ଜବରଦଖଲ କରିଥିଲେ ହେଁ ପ୍ରଶାସନ ତାଙ୍କୁ ବେଦଖଲ କରିବା ଦିଗରେ କୌଣସି ପଦକ୍ଷେପ ନେଉ ନ ଥିଲା। ଗ୍ରାମବାସୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଲେ ବି ସେ କର୍ଣ୍ଣପାତ କରୁ ନ ଥିଲେ। ଏପରିକି ସେ ଗାଳିଗୁଲଜ କରୁଥିଲେ। ଗତ ପଞ୍ଚାୟତ ନିର୍ବାଚନ ଫଳାଫଳ ପ୍ରକାଶ ପରେ କମ୍ୟୁନିଟି ସେଣ୍ଟର ଜବରଦଖଲ ପ୍ରସଙ୍ଗ ଅଧିକ ଜଟିଳ ହୋଇଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲା। ଶନିବାର ରାତିରେ ଏହି ଘଟଣାକୁ ନେଇ ଗ୍ରାମର କେତେକ ବ୍ୟକ୍ତି ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଜବରଦଖଲ କରିଥିବା କୃଷ୍ଣଚନ୍ଦ୍ର ମଲିକ ଓ ତାଙ୍କ ପୁଅ ଜୟନ୍ତ ମଲ୍ଲିକ ଗାଳିଗୁଲଜ କରିଥିବା ନେଇ ଗାଁର ଲକ୍ଷ୍ମଣ ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଏକ ମାମଲା(୯୧/୨୨)ରୁଜୁ ହୋଇଥିଲା। ଅପରପକ୍ଷରେ ଲକ୍ଷ୍ମଣ ସେମାନଙ୍କୁ ଗାଳିଗୁଲଜ କରିଥିବା ନେଇ ଜୟନ୍ତ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଏହାକୁ ନେଇ ଅନ୍ୟ ଏକ ମାମଲା (୯୨/୨୨)ରୁଜୁ ହୋଇଥିବା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର କହିଛନ୍ତି। ରବିବାର ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇ ଘଟଣାର ସମାଧାନ ହୋଇଥିବା ସୂଚନା ମିଳିଛି। କମ୍ୟୁନିଟି କେନ୍ଦ୍ରରୁ ଜବରଦଖଲ ହଟିଛି ଏବଂ ଗ୍ରାମବାସୀଙ୍କୁ ହସ୍ତାନ୍ତର ହୋଇଛି।

## ଗୋପବନ୍ଧୁନଗରରେ ୧୬ ପ୍ରହର ନାମଯଜ୍ଞ



ଗୋପବନ୍ଧୁନଗର ନାମଯଜ୍ଞ ଚାଲିବା ଅବସରରେ ପୂଜାର୍ଚ୍ଚନା।

ବଲାଙ୍ଗୀର ଅଫିସ, ୧୫।୫

ବଲାଙ୍ଗୀର ଗୋପବନ୍ଧୁନଗରରେ ପଡାବାସୀଙ୍କ ଉଦ୍ୟମରେ ହନୁମାନ ମନ୍ଦିର ନିକଟରେ ୧୬ ପ୍ରହର ନାମଯଜ୍ଞ ଆୟୋଜନ କରାଯାଇଛି। ୧୩ତାରିଖରେ କଳସ ଶୋଭାଯାତ୍ରା ଓ ଅଧିବାସ ସମ୍ପନ୍ନ ହୋଇଥିଲା। ୧୪ ତାରିଖରୁ ନାମଯଜ୍ଞ ଆରମ୍ଭ ହୋଇଛି। ପ୍ରହରୀ ଯଜ୍ଞକର୍ତ୍ତାଭାବେ ନୀଳମଣି କଠାର ଓ ତାଙ୍କ ସ୍ତ୍ରୀ କ୍ଷୀରୋଦିନୀ କଠାର ଦାୟିତ୍ୱ ତୁଲାଉଛନ୍ତି। ସଂକ୍ରାନ୍ତୀ ଜାଗରଣ କର୍ତ୍ତାଭାବେ ଘନଶ୍ୟାମ ସାହୁ ଓ ତାଙ୍କ ସ୍ତ୍ରୀ ବିଳାସିନୀ ସାହୁ ଦାୟିତ୍ୱ ତୁଲାଉଛନ୍ତି। ପ୍ରହରୀ ଆୟୋଜକ କମିଟି ସଭାପତି ନାଭ ଭାଟି, ସମ୍ପାଦକ ଗଦାଧର ବ୍ରହ୍ମା ଓ ଅନ୍ୟମାନେ ପ୍ରହରୀ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ୧୬ ପ୍ରହର ନାମଯଜ୍ଞରେ ବିଭିନ୍ନ କୀର୍ତ୍ତନ ଦଳ ଅଂଶଗ୍ରହଣ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛନ୍ତି। ସଦର ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗଙ୍କ କୀର୍ତ୍ତନ ଦଳ ମଧ ଏହି ପ୍ରହରୀ ନାମଯଜ୍ଞରେ ସାମିଲ ହୋଇଛନ୍ତି। ନାମଯଜ୍ଞରେ ଗୋପବନ୍ଧୁନଗର, ଆଖପାଖପଡା ତଥା ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ସୋମବାର ୧୬ ତାରିଖରେ ନାମଯଜ୍ଞ ପୂର୍ଣ୍ଣାହୂତି ସମ୍ପନ୍ନ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

## ଝାରବନ୍ଧରେ କୁଆପଥର ମାଡ଼

ଝାରବନ୍ଧ,୧୫।୫(ଡି.ଏନ.)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଞ୍ଚଳରେ ରବିବାର ସନ୍ଧ୍ୟାରେ କରାମାଡ଼ (କୁଆପଥର ବୃଷ୍ଟି) ସାଙ୍ଗକୁ ଝଡ଼ବର୍ଷା ହୋଇଛି। ଏହାର ପ୍ରଭାବରେ ଚାଷୀଙ୍କ କ୍ଷେତରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନ ନଷ୍ଟ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ ଗଛ ଡ଼ାଳ, ବିଦ୍ୟୁତ ଖୁଣ୍ଟ ଢ଼ଳି ପଡ଼ିଥିବାବେଳେ ବିଦ୍ୟୁତ ତାର ମଧ୍ୟ ଛିଣ୍ଡିପଡ଼ିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହିତ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଝଡବର୍ଷା ଯୋଗୁ ଝାରବନ୍ଧ ଅଞ୍ଚଳ ଅନ୍ଧାର ହୋଇ ପଡ଼ିଛି। ଉକ୍ତ ବ୍ଲକର ନିଲଜୀପତର, ଡୁଡୁକିଦାଦର, କୋତନା ଆଦି ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି।

# ଜିଲାର ସମସ୍ତ ପ୍ରବେଶ ପଥରେ ହେବ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ରାଜବାଟୀସ୍ଥିତ ବୁଦ୍ଧ ପ୍ରତିମୂର୍ତ୍ତି।

ବୌଦ୍ଧ,୧୫।୫ (ସ୍ୱ.ପ୍ର.)

**ବୁଦ୍ଧ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ବୌଦ୍ଧ ଜିଲା**

ଭଗବାନ ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲା। ସୋମବାର ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଯୋଗୁ ଚଳଚଞ୍ଚଳ ହୋଇପଡିଛି ସାରା ଜିଲା। ବୁଦ୍ଧ ଜୟନ୍ତୀ ପାଳନ ନେଇ ପ୍ରଶାସନ ଓ ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିବର୍ଷ ବୁଦ୍ଧ ପୂର୍ଣ୍ଣିମାକୁ ଜିଲାବାସୀ ମହାଆଡମ୍ବର ସହକାରେ ପାଳନ କରିଥାନ୍ତି। ଏହି ଦିନ ସାରା ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏବର୍ଷ ଜିଲାର ସମସ୍ତ ପ୍ରବେଶ ପଥରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାଛଡା ଜିଲାର ସୀମାନ୍ତ ମାଧପୁର, ମନମୁଣ୍ଡା ଓ ବୌଦ୍ଧ ସହରର ବାଘଗୁଡା ଛକଠାରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯିବାର ଅଛି। ସହରର ପ୍ରମୁଖ ସ୍ଥଳ ହେଉଛି ରାଜବାଟୀ । ରାଜବାଟୀ ନିକଟରେ ଶୋଭା ପାଉଛନ୍ତି ଭଗବାନ ବୁଦ୍ଧଙ୍କ ବିଶାଳ ପ୍ରତିମୂର୍ତ୍ତି। ଏହି ପ୍ରତିମୂର୍ତ୍ତି ଏଠାରେ ସମ୍ରାଟ ଅଶୋକଙ୍କ ସମୟରେ ନିର୍ମିତ ଏକ ବିଶାଳ ବୌଦ୍ଧମନ୍ଦିରର ଏକ ଅଂଶ ବୋଲି ଐତିହାସିକମାନେ ମତବ୍ୟକ୍ତ କରିଥାନ୍ତି। ରାଜବାଟୀ ନିକଟରେ ଶୋଭା ପାଉଥିବା ବୁଦ୍ଧଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ବୁଢା ରାଜା ଭାବରେ ପୂଜା କରିଥାଆନ୍ତି। ସହରରେ ହେଉଥିବା ବିବାହ, ବ୍ରତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଏଠାରେ ପୂଜାର୍ଚ୍ଚନା କରାଯାଇ ଶୁଭ କାର୍ଯ୍ୟର ଆରମ୍ଭ କରାଯାଇଥାଏ। ଏପରି କି ଜିଲା ପ୍ରଶାସନ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟର ଶୁଭାରମ୍ଭ ଏଠାରୁ ହିଁ କରାଯାଇଥାଏ। ସେହିପରି ଜିଲାର ହରଭଙ୍ଗା ବ୍ଲକର ଜଗନ୍ନାଥ ସଡକରେ ଗଲେ ରାମଗଡ ପଞ୍ଚାୟତର ପରଗଲପୁର ଗ୍ରାମ। ଗ୍ରାମର ଝରାସାହି ଠାରେ ମହାନଦୀ କୂଳରେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଶୋଭା ପାଉଛି। ପ୍ରତିମୂର୍ତ୍ତିଟି ୩ଫୁଟ ୫ ଇଞ୍ଚ ହୋଇଥିବା ବେଳେ ଏହାକୁ ସୁରକ୍ଷିତ ରଖିବା ପାଇଁ କେବଳ ଏକ ପ୍ରାଚୀର ନିର୍ମାଣ ହୋଇଛି। ସେହିପରି ପରଗଲପୁର ଗ୍ରାମରୁ ମାତ୍ର ୨ କିଲୋମିଟର ଦୂରରେ ପଡେ ସାମ୍ପୋଚ ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମ । ଏଠାରେ ରହିଛି ୫ ଫୁଟ ଉଚ୍ଚର ବୁଦ୍ଧଙ୍କ ପ୍ରତିମୂର୍ତ୍ତି। ଚଳିତବର୍ଷ ପରଗଲପୁର ଓ ଶ୍ୟାମସୁନ୍ଦରପୁରଠାରେ ଉତ୍ସବ ପାଳନ ପାଇଁ ବ୍ୟାପକ ଆୟୋଜନ କରାଯାଇଛି।

**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**

**ଇସ୍ତାହାର**

ଏତଦ୍ୱାରା ସୋନପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୬.୦୫.୨୦୨୨ରିଖ ସୋମବାର ଦିନଠାରୁ ସମସ୍ତ ପଞ୍ଚାୟତ ସମିତି ଅଞ୍ଚଳରେ ନିୟନ୍ତ୍ରିତ ବଜାର କମିଟି, ବଜାର ପ୍ରାଙ୍ଗଣ/ସମବାୟ ସମିତି (ପ୍ୟାକ୍ସ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ରବି ଋତୁ (୨୦୨୧-୨୨)ରେ ଉତ୍ପାଦିତ ଧାନକୁ ଆସନ୍ତା ୩୦.୦୬.୨୦୨୨ ପର୍ଯ୍ୟନ୍ତ ସଂଗ୍ରହ କରିବା ପାଇଁ ପ୍ରଶାସନ ଦ୍ୱାରା ଧାର୍ଯ୍ୟ କରାଯାଇଛି । ଏଣୁ ସପ୍ତାହର ପ୍ରତ୍ୟେକ ଦିନ ଚାଷୀ ଭାଇମାନେ ନିଜର ବଳକା ଧାନକୁ ଏକର ପିଛା ୨୬ କ୍ୱିଣ୍ଟାଲ ହିସାବରେ ଦିନ ପିଛା ସର୍ବୋଚ୍ଚ ୧୦୦ କ୍ୱିଣ୍ଟାଲ ଧାନ ବିକ୍ରୟ ନିମନ୍ତେ ସକାଳ ୭.୦୦ ଘଣ୍ଟାରୁ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ ବିକ୍ରୟ କେନ୍ଦ୍ରକୁ ଆଣିପାରିବେ । ଚଳିତ ବର୍ଷ ସରକାରଙ୍କ ଧାର୍ଯ୍ୟ ସାଧାରଣ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ଟ.୧୯୪୦/- ଅଟେ । ଧାନ ବିକ୍ରୟ କରିବା ନିମନ୍ତେ ବାର୍ତ୍ତାଳାପ ପାଇଥିବା ଟୋକନର ଅବଧି ସମୟ ୨୪ ଦିନ ରହିବ । ଏଥି ନିମନ୍ତେ ନିଜ ନାମ ପଞ୍ଜୀକୃତ କରିଥିବା ପ୍ୟାକ୍ସ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଯୋଗାଯୋଗ କରି ବାର୍ତ୍ତାଳାପ କରିଥିବା ଟୋକନ ଅନୁସାରେ ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ସୀମା ମଧରେ ଧାନକୁ ବିକ୍ରୟ କରିପାରିବେ । ଏଣୁ ଚାଷୀ ଭାଇମାନଙ୍କୁ ଅନୁରୋଧ ଯେ, ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ, ବାଲି, ମାଟି, କୁଟା ଇତ୍ୟାଦିକୁ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବେ, ଯେପରି ଖାଦ୍ୟ ଉପଯୋଗୀ ହୋଇଥିବ ।

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୬ ମେ, ୨୦୨୨



**ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର**

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପ୍ରଥମ ଏଜୁକେଶନ ଫାଉଣ୍ଡେସନ ତରଫରୁ ଗ୍ରୀଷ୍ମ କାଳୀନ ଶିକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍ଥାନୀୟ ସରପଞ୍ଚ ବନୀତା ମେହେର ଉଦ୍‌ଘାଟନ କରିଥିଲେ। ଶିବିରରେ ୫ଟି ଗ୍ରାମର ୧୭ଜଣ ସ୍ୱେଚ୍ଛାସେବୀଙ୍କୁ ଭାଷା ଓ ଗଣିତ ଉପରେ ତାଲିମ ଦିଆଯାଇଥିଲା। ଶିବିରକୁ ଫାଉଣ୍ଡେଶନ ସଦସ୍ୟ ଯତି ଦୀପ, ବିଦୁମଣୀ କୁମ୍ଭାର ପରିଚାଳନା କରିଥିଲେ। ଏହିଭଳି ଲୋଇସିଂହା ବ୍ଲକର ୧୦୦ଟି ଗ୍ରାମରେ ଶିକ୍ଷା ଶିବିର ଜାରି ରହିଛି। ଶିବିରକୁ ପ୍ରଥମ ଏଜୁକେଶନର ଜିଲା ସଂଯୋଜକ କୁମୁଦ ରଞ୍ଜନ ମହାନ୍ତି ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ରାସ୍ତାକଡରୁ ମିଳିଲା ନବଜାତକ ମୃତଦେହ

**ବଲାଙ୍ଗୀର ଅଫିସ,୧୫।୫:** ବଲାଙ୍ଗୀର ସହର ମାଲପଡାର ରାସ୍ତାକଡରେ ରବିବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ପଡିଥିବା ଦେଖାଯାଇଥିଲା। କୌଣସି ଏକ ସ୍ଥାନରୁ କୁକୁର ଉକ୍ତ ମୃତଦେହ ଆଣି ସେଠାରେ ପକାଇ ଦେଇଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରିଛି। କିଛିଦିନର ବ୍ୟବଧାନରେ ପୁଣି ଥରେ ସହରରେ ନବଜାତକମୃତଦେହ ଦେଖାଯିବାକୁ ନେଇ ସ୍ଥାନୀୟ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### ବସଷ୍ଟାଣ୍ଡରେ କୃତ୍ରିମ ବନ୍ୟା



**ବୌଦ୍ଧ,୧୫।୫(ସ୍ୱ.ପ୍ର.):** ବୌଦ୍ଧ ସହରର କେନ୍ଦ୍ରସ୍ଥଳରେ ଥିବା ବସଷ୍ଟାଣ୍ଡ ପରିସରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଡ୍ରେନ ପାଣି ପଶି ଏଭଳି ସମସ୍ୟା ଉପୁଜିଛି। ସୂଚନା ମୁତାବକ, ମୌସୁମୀ ଆସିବା ପୂର୍ବରୁ ସହରର ଆବର୍ଜନା ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି। ଭାଙ୍ଗି ଯାଇଥିବା ଡ୍ରେନଗୁଡିକର ମରାମତି ସହିତ ଜଳ ନିଷ୍କାସନ ହୋଇ ପାରୁ ନ ଥିବା ଡ୍ରେନଗୁଡିକର ପୁନଃନିର୍ମାଣ କାର୍ଯ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ବସଷ୍ଟାଣ୍ଡ ନିକଟ ମୁଖ୍ୟ ରାସ୍ତାକଡରେ ଥିବା ଡ୍ରେନର ପୁନଃ ନିର୍ମାଣ କରାଯାଉଛି। ତେବେ ଉପରମୁଣ୍ଡରେ ଡ୍ରେନପାଣି ଅଟକାଯାଇ ତଳ ମୁଣ୍ଡରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର କାର୍ଯ୍ୟରେ ବିଳମ୍ବ ହେବାରୁ ଉପର ମୁଣ୍ଡରେ ଡ୍ରେନ ଜଳ ନିଷ୍କାସନ ହୋଇ ନ ପାରି ବସଷ୍ଟାଣ୍ଡର ତଳି ଅଞ୍ଚଳରେ ପଶିଯାଇଛି। ଫଳରେ ଗାଡି ଚାଳକ ଓ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଡ୍ରେନ ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ବସଷ୍ଟାଣ୍ଡରେ ପାଣି ପଶିବା ନେଇ କେତେଜଣ ବ୍ୟକ୍ତି ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ କାର୍ଯ୍ୟ କରୁଥିବା ଠିକାଦାରଙ୍କ ସହିତ ଆଲୋଚନା କରି ଡ୍ରେନ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ କହିଥିବା ଜଣାଯାଇଛି।

### ବରପାଲି ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ

**ବରପାଲି,୧୫।୫(ଡି.ଏନ.ଏ):** ବରଗଡ ଜିଲା ବରପାଲି ପ୍ରାଥମିକ କୃଷି ସମବାୟ ସମିତି ଲିଃ ଅଧୀନ ବରପାଲି ମାର୍କେଟ ୟାର୍ଡରେ ରବିବାର ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି। ବରପାଲି ବ୍ଲକର ଅଧ୍ୟକ୍ଷ କିଶୋର ଦଫାଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବରପାଲି ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର, ବରପାଲି ପ୍ୟାକ୍ସ ସମ୍ପାଦକ ଗୋବର୍ଦ୍ଧନ ଭୋଇ, ଆରଏମ୍‌ସି ଇନଚାର୍ଜ ରାକେଶ ସୁନା, ପ୍ୟାକ୍ସ ସଭାପତି ସନ୍ତୋଷ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଧାନ ସଂଗ୍ରହ କମିଟି ସଭ୍ୟ ତଥା ସ୍ଥାନୀୟ ଚାଷୀମାନେ ଉପସ୍ଥିତ ରହି ରବିଧାନ ସଂଗ୍ରହ ବିଷୟରେ ଆଲୋଚନା କରିଥିଲେ। ସେକ୍ରେଟାରୀ ଇନ୍‌ଚାର୍ଜ ଗୋବର୍ଦ୍ଧନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

**ହରିଶଙ୍କର ବୈଶାଖ ମେଳାର ଦ୍ୱିତୀୟ ଦିବସ**

- ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ି ମଜା ଉଠାଇଲେ ଶ୍ରଦ୍ଧାଳୁ
- ମନ୍ଦିରରେ ଲାଗିହେଲା ସ୍ୱତନ୍ତ୍ର ପୀଠ କନ୍ଦା ଭୋଗ

**ଖପ୍ରାଖୋଲ,୧୫।୫(ଡି.ଏନ.ଏ.)**



ମହୋତ୍ସବର ଦ୍ୱିତୀୟ ଦିବସରେ ପରିବେଶିଷତ ସାଂସ୍କୃତି କାର୍ଯ୍ୟକ୍ରମ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ଦ୍ୱିତୀୟ ଦିବସ ରବିବାର ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ହଜାର ହଜାର ଶ୍ରଦ୍ଧାଳୁ ପାପନାଶିନୀ ଝରଣାରେ ବୁଡ଼ ପକାଇ ହରିଶଙ୍କର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ି ନୃସିଂହନାଥ ଯାଇଥିଲେ। ଦ୍ୱିତୀୟ ଦିବସରେ ହୋମଯଜ୍ଞ ସହ ସାନ୍ଧ୍ୟାରେ ମହାପ୍ରଭୁ ହରିଶଙ୍କରଙ୍କଠାରେ ସ୍ୱତନ୍ତ୍ର ପୀଠ କନ୍ଦା ଭୋଗ ଲାଗି ହୋଇଥିଲା। ବର୍ଷକ ମଧ୍ୟରେ କେବଳ ବୈଶାଖ ଚତୁର୍ଦ୍ଦଶୀ ତିଥିରେ ପୂଜକମାନେ ଗନ୍ଧମାର୍ଦ୍ଦନ ପାହାଡ଼ରୁ ପୀଠକନ୍ଦା ସଂଗ୍ରହ କରି ଠାକୁରଙ୍କୁ ଭୋଗ ଲାଗି କରିଥାନ୍ତି।

ଦ୍ୱିତୀୟ ଦିବସରେ ହରିଶଙ୍କର ମହୋତ୍ସବରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆ, ସମ୍ମାନିତ ଅତିଥିଭାବେ ପଟଣାଗଡ଼ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ବେଲପଡା ବିଡିଓ ଭିକ୍ଟୋର ସୁରେନ, ତହସିଲଦାର ପ୍ରଶାନ୍ତି ପଧାନ, ପଟଣାଗଡ଼ ଆସିଷ୍ଟାଣ୍ଡ କଲେକ୍ଟର କ୍ଷୀରୋଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ ଅଧକ୍ଷତା କରିଥିଲେ। ଅଧ୍ୟାପକ ବଳଭଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ମଞ୍ଚରେ ଓଡିଶୀ ନୃତ୍ୟ, ଗୀତନାଟ୍ୟ ପଞ୍ଚମ, ସାରସ୍ୱତ କଳାପରିଷଦ ଦଣ୍ଡନୃତ୍ୟ ପରିବେଶିତ ହୋଇଥିଲା। ସେହିପରି ଯାତ୍ରା ପଡିଆ ମଞ୍ଚରେ ଲୋଇସିଂହାର ଶଙ୍କର ବେହେରା ଓ ସାଥୀଙ୍କ ସାଂସ୍କୃତିକ ଦଳ, କୋରାପୁଟର ଢେମସା, ବେଲପଡା ରୁକୁ ସୁନାଙ୍କ ଅର୍କେଷ୍ଟ୍ରା ଓ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା।

# ପରିଚାଳନା କମିଟି ସଭାପତି ଚୟନକୁ ନେଇ ଉଠିଲା ପ୍ରଶ୍ନ

**ଲୋଇସିଂହା ଡିଗ୍ରୀ କଲେଜ**

- ବାହାର ନୁହେଁ, ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କୁ ନିଯୁକ୍ତି ଦାବି

**ଲୋଇସିଂହା,୧୫।୫(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ଡିଗ୍ରୀ କଲେଜ ପରିଚାଳନା କମିଟିସଭାପତିଚୟନ କରାଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପିକା ତଥା ବଲାଙ୍ଗୀର ସହରର ପୁଷ୍ପାଞ୍ଜଳି ମିଶ୍ରଙ୍କୁ ଏଥିପାଇଁ ମନୋନୟନ କରାଯିବା ପରେ ଲୋଇସିଂହା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଲୋଇସିଂହା ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ଚୟନ କରାଯାଇଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତିକୁ ବାତିଲ କରି ସ୍ଥାନୀୟ ଅଞ୍ଚଳର ଜଣେ ବୁଦ୍ଧିଜୀବୀଙ୍କୁ ମନୋନୀତ କରିବାକୁ ଦାବି ହୋଇଛି।

ଗତବର୍ଷ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂତନ ପରିଚଳନା ସମିତି ସଭାପତି ପାଇଁ ୩ଜଣ ଗ୍ରାଜୁଏଟଙ୍କ ନାମ ପ୍ରସ୍ତାବ ଦେବାକୁ କଲେଜଗୁଡିକୁ ନିର୍ଦ୍ଦେଶଥିଲା। ଲୋଇସିଂହା କଲେଜ ପକ୍ଷରୁ ସୁବର୍ଣ୍ଣପୁର ଜିଲା ତରଭା କଲେଜରୁ ଅବସର ଗ୍ରହଣ କରିଥିବା ଡ. ପ୍ରହଲ୍ଲାଦ ଶତପଥୀ, ପୁଷ୍ପାଞ୍ଜଳି ମିଶ୍ର ଏବଂ ଲୋଇସିଂହା କଲେଜର ପ୍ରାକ୍ତନ ଅଧକ୍ଷ କାହ୍ନୁଚରଣ ଦର୍ଜିଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। କାହ୍ନୁଚରଣ ଦର୍ଜି ଆଗଲପୁର ବ୍ଲକ ମୁଖୁଣ୍ଡିର ହୋଇଥିବାବେଳେ ଅନ୍ୟ ଦୁଇଜଣ ବଲାଙ୍ଗୀର ସହରର। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶାନାମ ଅନୁଯାୟୀ ସଭାପତି ପାଇଁ ନାମ ଦିଆଯାଉଥିବା ବ୍ୟକ୍ତି ସ୍ଥାନୀୟ ବାସୀନ୍ଦା ହୋଇଥିବା କଥା। ସ୍ଥାନୀୟ ଅଞ୍ଚଳରେ ବହୁ ଶିକ୍ଷାବିତ୍ ଏପରିକି କଲେଜ ପ୍ରତିଷ୍ଠାତା ସଦସ୍ୟ ବି ରହିଛନ୍ତି। କେବଳ ଶିକ୍ଷାକ୍ଷେତ୍ରର ନୁହେଁ, ଅନ୍ୟ କ୍ଷେତ୍ରରେ ଥିବା ଗ୍ରାଜୁଏଟ ବ୍ୟକ୍ତିଙ୍କ ନାମ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶାବଳୀ ରହିଛି।

ଏପରିସ୍ଥଳେ କଲେଜ କର୍ତ୍ତୃପକ୍ଷ କେଉଁ ସ୍ୱାର୍ଥରେ ବାହାର ଅଞ୍ଚଳର ଲୋକଙ୍କ ନାମ ପ୍ରସ୍ତାବ ଦେଲେ ତାକୁ ନେଇ ସଂଶୟ ସୃଷ୍ଟି ହୋଇଛି। କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କୁ ପଚାରିବାରୁ ନିର୍ଦ୍ଦେଶାନାମ ଅନୁଯାୟୀ ୩ଜଣଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। କୌଣସି କଲେଜରୁ ଅବସର ନେବାର ୫ବର୍ଷ ପୂରଣ କରିଥିବା ଏହି ଅଞ୍ଚଳର କେହି ତାଙ୍କ ନଜରରେ ନ ଥିଲେ। ଯେଉଁ ବୁଦ୍ଧିଜୀବୀ ଜଣକ ଥିଲେ ତାଙ୍କ ବୟସ ଧାର୍ଯ୍ୟ ଗାଇଡଲାଇନଠାରୁ ଅଧିକ ହୋଇଯାଇଥିଲା। ତେଣୁ ବାହାର ଅଞ୍ଚଳର ଲୋକଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା ବୋଲି ସେ କହିଛନ୍ତି।

# କରାଟେ ବେଲ୍ଟ ପରୀକ୍ଷାରେ ୨୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ



ଅତିଥିଙ୍କ ଗହଣରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ।

**ଲାଞ୍ଜିଗଡ଼,୧୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଉତ୍କଳ କରାଟେ ସ୍କୁଲ ଲାଞ୍ଜିଗଡ ଶାଖା ପକ୍ଷରୁ ରବିବାର ବେଦାନ୍ତ ଷ୍ଟାଫ କଲୋନୀ କ୍ଲବ ହାଉସଠାରେ କରାଟେ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ଉତ୍କଳ କରାଟେ ସ୍କୁଲ ପ୍ରଶିକ୍ଷକ ସେନପାଇ କ୍ଷମାନିଧି ମହାଖୁଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ଉତ୍କଳ କରାଟେ ସ୍କୁଲ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ସେନସାଇ, ସୁରେଶ ଜାଲ ଯାଦବ ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ଲାଞ୍ଜିଗଡ ଉତ୍କଳ କରାଟେ ସ୍କୁଲ ଅଧୀନ ବେଦାନ୍ତ ଡିଏଭି ସ୍କୁଲ, ଲାଞ୍ଜିଗଡ ଏସଏସଡି ସ୍କୁଲ ଓ ଲାଞ୍ଜିଗଡ କରାଟେ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ୨୦ଜଣ କରାଟେରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ କରାଟେକା କାବ୍ୟଶ୍ରୀ ମହାପାତ୍ର, ଆରାଧ୍ୟା ଆରାଧନା, ସୋୟୋଂମ ପ୍ରକାଶ ସାହୁ, ଅଭିନାଷ କୁମାର ସାହୁ, ଦିବ୍ୟାନଶୁ ଦଣ୍ଡସେନା, ସୁଶ୍ରୀ ସୋମିୟା ଓ ଅଭୟ କୁମାର ନାଏକ ୟେଲ ବେଲ୍ଟ ପାଇଛନ୍ତି। ସେହିପରି ୧୩ଜଣ ଆଦ୍ୟାସା ପ୍ରିୟଦର୍ଶୀନୀ ଦାସ, ତେଜସ୍ୱର ରାଉତରାୟ, ଶୌନକ ସମଦର୍ଶୀ ସାହୁ, ଅର୍ପିତା ବାଡତିଆ, ରକ୍ଷ୍ୟନ ଅନୁରାଗ ତିବାରୀ, ଅଂଶୁମିତା ପାଣିଗ୍ରାହୀ, ଆର୍ଶୀର୍ବାଦ ବାଡତିଆ, ସମୃଧା ଚାଟାର୍ଜୀ, ଆୟୁଷ ଦୁବେ, ଯକ୍ଷ ପାଟମାଝି, ରବୀନ୍ଦ୍ର ବେନାଲ ଓ ରଞ୍ଜିତ ହରିଜନ ଅରେଞ୍ଜି ବେଲ୍ଟ ହାସଲ କରିଥିଲେ। ପରୀକ୍ଷାରେ କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ସମ୍ପାଦକ ସେନସାଇ ସୁରେଶ ଜାଲ ଯାଦବ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଟେକାମାନଙ୍କୁ କଲର ବେଲ୍ଟ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଲାଞ୍ଜିଗଡ ଉତ୍କଳ କରାଟେ ସ୍କୁଲ କରାଟେ ହିତେଶ କୁମାର ମହାଖୁଡ, ଲୋକେଶ କୁମାର ମହାଖୁଡ, କିରଣ ବେମାଲ ସହଯୋଗ କରିଥିଲେ।

### ଗଞ୍ଜେଇ ଜବତ, ଯୁବକ ଗିରଫ

**ଅମରପାଲି,୧୫।୫ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପୋଲିସ ହିକୁଡି ଛକ ପାଖରୁ ଜଣେ ଅଣଓଡ଼ିଆ ଯୁବକଙ୍କଠାରୁ ୪କେଜି ଗଞ୍ଜେଇ ଜବତ କରିଛି। ଶନିବାର ରାତିରେ ଯୁବକ ଜଣକ ଏକ ବ୍ୟାଗରେ ଗଞ୍ଜେଇ ଧରି ସମ୍ବଲପୁର ଯିବା ପାଇଁ ସେଠାରେ ଅପେକ୍ଷାରେ ଥିଲେ। ସୂଚନା ପାଇ ବୀରମହାରାଜପୁର ଥାନା ଏସଆଇ ପ୍ରଭାତୀ ଦାସ, ଧର୍ମଶାଳା ଫାଣ୍ଡି ଅଧିକାରୀ ଚକ୍ରଧର ବାରଲେବେଡିଆ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସନ୍ଦେହ ତାଙ୍କୁ ତଲାସୀ କରିଥିଲେ। ତାଙ୍କ ନିକଟରୁ ୪କେଜି ଗଞ୍ଜେଇ ଜବତ କରାଯାଇଥିଲା। ଯୁବକ ଜଣକ ହେଲେ ପଶ୍ଚିମବଙ୍ଗ ମୁରସିଦାବାଦ ଜିଲାର ମନୁରୁଲ ଇସଲାମ (୪୨)। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତାଙ୍କ ନାଁରେ ସ୍ମୃତି ଫଳକ ସ୍ଥାପିତ

**ନର୍ଲା,୧୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ସହର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ସ୍ୱର୍ଗତ ଚିନ୍ତାମଣି ପାତ୍ରଙ୍କ ସ୍ମୃତିକୁ ମନେ ରଖିବା ପାଇଁ ଜଣେ ଜଗନ୍ନାଥ ଭକ୍ତ ଗୌତମ ଚିନ୍ଦା ଏକ ପଥରରେ ନିର୍ମିତ ସ୍ମୃତି ଫଳକ ମନ୍ଦିର ପ୍ରାଙ୍ଗଣରେ ସ୍ଥାପିତ କରିଥିଲେ। ସୂଚନା ଯେ, ସ୍ୱର୍ଗତ ଚିନ୍ତାମଣି ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଥିଲେ। ଅବସର ପରେ ତାଙ୍କର ଜୀବନକାଳର ସମସ୍ତ ଅର୍ଜିତ ଧନ ଏବଂ ବିଭିନ୍ନ ଅଞ୍ଚଳରୁ ସଂଗୃହିତ ହୋଇଥିବା ଦାନ ଅର୍ଥ ଜଗନ୍ନାଥଙ୍କ ମନ୍ଦିର ତିଆରି କରିବା ପାଇଁ ସହଯୋଗ କରିଥିଲେ। ଏହି ମହତ କାମକୁ ଜଗନ୍ନାଥ ମନ୍ଦିର ସଭାପତି ଚିରଞ୍ଜିବୀ ଗୌଡିଆ, ସମ୍ପାଦକ ହୃଷୀକେଶ ପାତ୍ରଙ୍କ ସମେତ ଅଞ୍ଚଳର ଭକ୍ତମାନେ ପ୍ରଶଂସା କରିଥିଲେ।

### ପାପହାରିଣୀରେ ଶ୍ରଦ୍ଧାଳୁଙ୍କ ବୁଡ଼

**ପାଇକମାଳ,୧୫।୫(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥଙ୍କ ପୀଠରେ ବୈଶାଖ ମେଳା ଚାଲିଛି। ଏହି ଅବସରରେ ରବିବାର ଭକ୍ତମାନେ ପାପହାରିଣୀ ଝରଣାରେ ବୁଡ ପକାଇ ନୃସିଂହ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତିନିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ୯୦ ହଜାର ନୃସିଂହ ବିଜମନ୍ତ୍ର ଜପ କରାଯାଇଛି। ପ୍ରତ୍ୟୁଷରୁ ବାଳ ବ୍ରହ୍ମଚାରୀ ପୂଜାରୀମାନେ ଠାକୁରଙ୍କୁ ରୀତିନୀତିରେ ପୂଜା କରିଥିଲେ। ବୈଶାଖ ମେଳା ପାଇଁ ନୃସିଂହନାଥ ନିକଟ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରେ ପାଇକମାଳ କୁଲତା ସମାଜ ଯୁବ ସଙ୍ଗଠନ ତରଫରୁ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଛି। ସେହିପରି ନୃସିଂହନାଥ ଆୟୁର୍ବେଦ କଲେଜ ସମ୍ମୁଖରେ ପାଇକମାଳ ଡ୍ରାଇଭର ସଂଘ ତରଫରୁ ଅନ୍ନଛତ୍ର ଖୋଲାଯାଇଥିଲା।

# ଜମିଲା ବହୁଭାଷୀ କବିତା ଆସର



ଅତିଥିମାନେ ସେଲାପଥର ପତ୍ରିକା ଉନ୍ମୋଚନ କରୁଛନ୍ତି।

**ସେଲାପଥର ସାହିତ୍ୟ ପତ୍ରିକା ଉନ୍ମୋଚିତ**

**ଖପ୍ରାଖୋଲ,୧୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ପରିସର ସଂସ୍କୃତି ମଞ୍ଚରେ ସେଲାପଥର ସାହିତ୍ୟ ସଂସ୍କୃତିକ ପରିଷଦ ତରଫରୁ ବହୁଭାଷୀ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅଭୟ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ସେଲାପଥର ପତ୍ରିକାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି କବିୟିତ୍ରୀ ସୁରୁଚି ମିଶ୍ର, କୋଶଳବାଦୀ ନେତା ସୁଶୀଲ କୁମାର ଗୁରୁ, ଲଲଚନ ବଗର୍ତ୍ତି, ସେଲାପଥର ପତ୍ରିକା ସମ୍ପାଦକ ଧରମ ସିଂ ଧରୁଆ, ଅଭିଳାଷ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଭାଷା ସଂସ୍କୃତିର ସୁରକ୍ଷା ପାଇଁ ସେଲାପଥର ପତ୍ରିକାର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଉନ୍ମୋଚନ କାର୍ଯ୍ୟକ୍ରମକୁ କବି ଭକ୍ତବନ୍ଧୁ ବିଶାଳ ପରିଚାଳନା କରିଥିଲେ। ପରେ କବୟିତ୍ରୀ ସୁଶ୍ରୀ ସଂଯୁକ୍ତା ପରିଛାଙ୍କ ଅଧକ୍ଷତାରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ସାବିତ୍ରୀ ସାହୁ, ସବିତା ଭୋଇ, ସୁଶୀଲ ଗୁରୁ, ସୁରୁଚି ମିଶ୍ର, ଶଶିକାନ୍ତ ଧରୁଆ, ଘନଶ୍ୟାମ ବିଶ୍ୱାଳ, ଘନଶ୍ୟାମ ସରାଫ, ଶାନ୍ତନୁ ବୁଢିଆ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ବୁଢ଼ାଦେଓ, ପାଟଣେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଲୋଇସିଂହା,୧୫।୫(ଡି.ଏନ.ଏ.)**



ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଅତିଥି ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଁଗା(ଖ) ଗ୍ରାମରେ ନବନିର୍ମିତ ବୁଢାଦେଓ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ସନ୍ଧ୍ୟାରେ ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଉଛନ୍ତି ଦର୍ଶକ। ଶନିବାର ରାବଣ ଦରବାରର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ବିଧାୟକ ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଟିଏ ମଞ୍ଚରେ ବିପରୀତ ରାଜନୈତିକ ଚିନ୍ତାଧାରର ଦୁଇଜଣ ବିଧାୟକ ମଞ୍ଚାସୀନ ହେବା ଏ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବାଟ କଢାଇବ ବୋଲି କହିଥିଲେ। ଏକାସଙ୍ଗେ ଦୁଇଟି ମନ୍ଦିରର ପ୍ରତିଷ୍ଠା ପର୍ବ ସମ୍ପନ୍ନ ହେଉଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ମନମୋହନ ପଟେଲ, ଜୟନ୍ତୀ ପଟେଲ, ଗୋଣ୍ଡୱାନା ଗୋଣ୍ଡ଼ ମହସଭା ରାଜ୍ୟ ସଭାପତତି ମହେନ୍ଦ୍ର ନାଏକ, ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ ମଞ୍ଚାସୀନ ଥିଲେ।

# ରୋଟାରୀ ଇଲାଇଟ୍ ପକ୍ଷରୁ ମୋତିଆବିନ୍ଦୁ ଚିହ୍ନଟ ଶିବିର

**ବଲାଙ୍ଗୀର ଅଫିସ, ୧୫।୫**

ବଲାଙ୍ଗୀର ରୋଟାରୀ ଇଲାଇଟ୍ କ୍ଲବ୍ ପକ୍ଷରୁ ସଦର ବ୍ଲକ୍ ଅନ୍ତର୍ଗତ ବିଡିଘାଟ ପଞ୍ଚାୟତର ଜନକପୁର ଠାରେ




ରୋଟାରୀ ଇଲାଇଟ୍ ପକ୍ଷରୁ ଜନକପୁରଠାରେ ମୋତିଆବିନ୍ଦୁ ଚିହ୍ନଟ କରାଯାଉଛି।

ଦୃଷ୍ଟି-ଭିଜନ୍ ଫର୍ ଅଲ୍ ଅଧିନରେ ଏକ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଆୟୋଜନ କରାଯାଇଛି। ଗ୍ରାମର ନବକିଶୋର ଯୁବକ ସଂଘ ଏବଂ ରୋଟାରୀ ପକ୍ଷରୁ ମିଳିତ ଭାବେ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଚକ୍ଷୁ ବିଶେଷଜ୍ଞ ଡା ବିଷ୍ଣୁପ୍ରସାଦ ମିଶ୍ର, ଡା. ରଘୁ ଏସି, ନେତ୍ର ସହଯୋଗୀ ମନୋରଞ୍ଜନ ଦୀପ ଯୋଗଦାନ କରିଥିଲେ। ଗ୍ରାମର ୩୬ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା। ଆସନ୍ତା ୨୦ତାରିଖରେ ଏହି ଚିହ୍ନଟ ବ୍ୟକ୍ତିଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ। କାର୍ଯ୍ୟକ୍ରମରେ ଗ୍ରାମର ଶତାୟୁ ବୃଦ୍ଧା ମଦାନ ଭୋଇ ଆଖି ପରୀକ୍ଷା କରିଥଲେ। ଶିବିରରେ ରୋଟାରୀ ଇଲାଇଟ୍ କ୍ଲବ୍ ସଭାପତି ସନ୍ଦୀପ ପାଣିଗ୍ରାହୀ, ପୂର୍ବତନ ସଭାପତି ସଞ୍ଜୀବ ନାଏକ, ଚଗଲା ପରିଛା, ଧର୍ମେନ୍ଦ୍ର ନନ୍ଦ, ଦୀପିକା ପାଣିଗ୍ରାହୀ ଓ ଯୁବକସଂଘର ଦିଲୀପ ବିଶ୍ୱାଳ, ଲିଙ୍ଗରାଜ ରାଉତ, ଦୈତାରୀ ବାଗ, ଉପେନ ଦୀପ ଓ ପ୍ରଭାତ ଭୋଇ ସହଯୋଗ କରିଥିଲେ।

# ଅନୈତିକ ସମ୍ପର୍କ ହତ୍ୟାର କାରଣ

**କ୍ଷୀରମଣି ହତ୍ୟା ଘଟଣାର ପର୍ଦ୍ଦାଫାଶ**

**କର୍ଲାମୁଣ୍ଡା,୧୫।୫(ଡି.ଏନ.ଏ.)**



ଗିରଫ ୩ ଅଭିଯୁକ୍ତ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ଅଧୀନ ଗହବାହାଲ ଗ୍ରାମର ଜଣେ ବିବାହିତ ଯୁବକ କ୍ଷୀରମଣୀ ସେଠ୍ (୩୮) ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ଅନୈତିକ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପୋଲିସ କହିଛି। ଏ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ଇନ୍ଦିରା କଲୋନୀପଡାର ବାବୁଲାଲ ବିଭାର (୫୫), ନଳିନୀ ବିଭାର ଓ କ୍ୱାଇଁ ଡୁଳେଶ୍ୱର ବେସ୍ରା। ପୋଲିସ ସୂଚନା ଅନୁସାରେ ଗଜବାହାଲ ଗ୍ରାମର କ୍ଷୀରମଣି ସେଠ୍‌ଙ୍କ ମୃତଦେହ ଗ୍ରାମର ଇନ୍ଦିରା କଲୋନୀପଡାର ଏକ ଇଟାଭାଟି ନିକଟରେ ପଡିଥିଲା। ମୃତଦେହକୁ ଗତ ୯ ତାରିଖରେ ପୋଲିସ ଉଦ୍ଧାର କରିଥିଲା। ମୃତକଙ୍କ ସ୍ତ୍ରୀ ସୁବାଷିନୀ ସେଠ୍ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିବା ସହ ଏଥିପାଇଁ ନିର୍ଦ୍ଦିଷ୍ଟ ପରିବାରକୁ ଦାୟୀ କରିଥିଲେ। ମ.ରାମପୁର ଥାନାଧିକାରୀ ସଚିନ୍ଦ୍ର ପ୍ରଧାନ ଗୁରୁତର ସହ ନେଇ ତଦନ୍ତ ଚଳାଇ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ମୃତକ କ୍ଷୀରମଣି ସହ ନଳିନୀଙ୍କ ଅନୈତିକ ସମ୍ପର୍କ ରହିଥିଲା। ନଳିନୀ ବିବାହିତା ହୋଇଥିଲେ ମଧ୍ୟ ସ୍ୱାମୀ ସହ ମତାନ୍ତର ହୋଇ ବାପ ଘରେ ରହୁଥିଲେ। ଘଟଣା ଦିନ ୨ଜଣଙ୍କୁ ଅସଂଯତ ଅବସ୍ଥାରେ ଦେଖି ନଳିନୀଙ୍କ ବାପା ବାବୁଲାଲ କ୍ଷୀରମଣିଙ୍କୁ ମାରି ହତ୍ୟା କରିଥିଲେ। ପରେ ମୃତଦେହ ଘରେ ଲୁଚାଇ ରାତିରେ ଇଟାଭାଟି ନିକଟରେ ଫିଙ୍ଗିଥିଲେ। ଏଥିରେ ନଳିନୀ ଓ ତାଙ୍କ କ୍ୱାଇଁ ଡୁଳେଶ୍ୱର ସହଯୋଗ କରିଥିଲେ। ତେଣୁ ହତ୍ୟାକାରୀ ବାବୁଲାଲ ସହ ସହଯୋଗୀ ନଳିନୀ ଓ ଡୁଳେଶ୍ୱରଙ୍କୁ ପୋଲିସ ଗିରଫ କରିବା ପରେ ଶନିବାର କୋର୍ଟ ଚାଲାଣ କରିଛି। ଏହି ତଦନ୍ତରେ ରିଷିଡା ଫାଣ୍ଡି ଅଧିକାରୀ କ୍ଷୀରସିନ୍ଧୁ ମାଝି ସହଯୋଗ କରିଥିଲେ।